**ସଂକ୍ଷେପରେ**

## ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ

ଯାଜପୁରରୋଡ୍, ୧୯।୧୧ (ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁର ଜିଲା ଅଣସଂଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ କାର୍ଯ୍ୟାଳୟଠାରେ ରବିବାର ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଏନଇେ ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଯୋଗ ଦେଇଥିବା ଅତିଥିମାନେ ଇନ୍ଦିରାଙ୍କ ଦେଶ ପାଇଁ ଥିବା ତ୍ୟାଗ, ତାଙ୍କର ସମୟରେ ବ୍ୟାଙ୍କ ଜାତୀୟକାରଣ, ରାଜାରାଜୁଡ଼ା ହାତପାଣ୍ଠି ଉଚ୍ଛେଦ ଓ ସରକାରୀ ଉଦ୍ୟୋଗ ଶକ୍ତିଶାଳୀ କରିବା ଉପରେ ମତ ପ୍ରକାଶ କରିଥିଲେ । ତଳଗଡର ଇନ୍ଦିରା ଗାନ୍ଧି ପଡିଆ ଆଜିବି ସ୍ମରଣୀୟ । ୧୯୮୪ ଅକ୍ଟୋବର ୩୦ ତାରିଖ ଥିଲା ଇନ୍ଦିରାଙ୍କ ଜୀବନର ଶେଷ ଭାଷଣ ବୋଲି ବକ୍ତାମାନେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଶୋକ କୁମାର ଯେନା, ଶରତଚନ୍ଦ୍ର ମଲିକ, ବିଦ୍ୟାଧର ଜେନା ଓ ସୁନିତା ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ସନ୍ଧ୍ୟାରେ ଭାରିଯାନ ଚଳାଚଳରେ ରୋକ

### ହରିପୁର ରାହାସ ଉତ୍ସବ ପାଇଁ ଶାନ୍ତି କମିଟି ଗଠିତ

■ ଖୋଲିବ ୨ ଅସ୍ଥାୟୀ ଫାଣ୍ଡି

ରସୁଲପୁର, ୧୯।୧୧ (ରଂଜିତ ରାଉତ):



ବୈଠକରେ ଥାନାଧିକାରୀଙ୍କ ସହ ବିଭିନ୍ନ ପୂଜାମଣ୍ଡପର କର୍ମକର୍ତ୍ତା ।

ରସୁଲପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ହରିପୁର ଓ ନରସିଂହପୁର ଅଞ୍ଚଳର ପ୍ରସିଦ୍ଧ ରାହାସ ଉତ୍ସବକୁ ନେଇ ପ୍ରସ୍ତୁତିପର୍ବ ଜୋରସୋର ଚାଲିଛି । ଚଳିତମାସ ୨୬ ରୁ ୩୦ ତାରିଖ ମଧ୍ୟରେ ଆୟୋଜିତ ହେବାକୁ ଥିବା ଉତ୍ସବ ପାଇଁ ବିଭିନ୍ନ ପୂଜା ମଣ୍ଡପର କାର୍ଯ୍ୟକର୍ତ୍ତାଙ୍କୁ ନେଇ ଶାନ୍ତି କମିଟି ଗଠନ କରାଯାଇଛି । କୁଆଖିଆ ଥାନା ପରିସରରେ ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ବାରିକଙ୍କ ଆବାହକତ୍ୱରେ ଆୟୋଜିତ ଏକ ବୈଠକରେ ପ୍ରତ୍ୟେକ ମଣ୍ଡପରେ ପୂଜା ପରିଚାଳନା ପାଇଁ ଉଦ୍ଦିଷ୍ଟ କମିଟିର ସଦସ୍ୟମାନଙ୍କ ସହ ଆଲୋଚନା କରାଯାଇ କମିଟି ଗଠନ କରାଯାଇଛି । ଏହି ଉତ୍ସବ ଅବସରରେ ହରିପୁର ବଜାରରେ ଟ୍ରାଫିକ ସମସ୍ୟାକୁ ନେଇ ପୋଲିସ ଓ ଶାନ୍ତି କମିଟିର ସଦସ୍ୟମାନଙ୍କ ମଧ୍ୟରେ ଗୁରୁତର ଆଲୋଚନା କରାଯାଇଛି । ବସକୁ ଛାଡିଦେଲେ ଉତ୍ସବ ସନ୍ଧ୍ୟାରେ କୁଆଖିଆ-ଯାଜପୁର ରାସ୍ତାରେ ଭାରିଯାନ ଚଳାଚଳ ଉପରେ ରୋକ ଲଗାଯିବାକୁ ନିଷ୍ପତ୍ତି ନିଆଯାଇଛି । ରାତି ୯ଟା ପରେ ଭାରିଯାନ ଗମନାଗମନ ପାଇଁ ସୁଯୋଗ ଦିଆଯିବାକୁ ନିଷ୍ପତ୍ତି ହୋଇଛି । କମିଟି ପକ୍ଷରୁ ଯାତ୍ରା ପଡିଆରେ ସିସିଟିଭି କ୍ୟାମେରା ଲଗାଯିବ । ପ୍ରତ୍ୟେକ କମିଟି ପକ୍ଷରୁ ଗାଡି ପାର୍କିଂ ସ୍ଥାନ ନିରୂପଣ କରାଯିବ । କୁଞ୍ଜ ସ୍ଥାନରେ ଭିଡ ନ ଜମିବା ଉପରେ ଗୁରୁତ୍ୱ ଦିଆଯାଇ କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ଆବଶ୍ୟକ ସ୍ଥଳରେ ଧାଡି ଦର୍ଶନ ଉପରେ ଗୁରୁତ୍ୱ ଦିଆଯିବାକୁ ପରାମର୍ଶ ଦିଆଯାଇଛି । ଅପେରା ପାର୍ଟି ପକ୍ଷରୁ ପରିବେଷଣ ହେବାକୁ ଥିବା ଯାତ୍ରା ପଡିଆରେ ଶାନ୍ତି ଶୃଙ୍ଖଳା ବଜାଇ ରଖିବା ପାଇଁ କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହାୟତା ନିଆଯିବାକୁ ପରାମର୍ଶ ଦିଆଯାଇଛି । କମିଟିର ଯୁବ ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳା ବଜାଇ ରଖିବାକୁ କୁହାଯାଇଛି । ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଉପରେ ଥାନା ଅଧିକାରୀ ଗୁରୁତ୍ୱ ଦେଇଛନ୍ତି । ଏଥିସକାଶେ ହରିପୁର ଓ ନରସିଂହପୁର ଅଞ୍ଚଳରେ ଦୁଇଟି ଅସ୍ଥାୟୀ ଫାଣ୍ଡି ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି । ଥାନା ପକ୍ଷରୁ ଉତ୍ସବ ସ୍ଥଳରେ ୩ ପ୍ଲାଟୁନ ପୋଲିସ ଫୋର୍ସ, ୧୮ ପୋଲିସ ଅଧିକାରୀ, ୨୦ଜଣ ହୋମଗାର୍ଡ ମୁତୟନ ହେବେ । ଏଥିଲାଗି ଜିଲା ଆରକ୍ଷୀ ଅଧିକ୍ଷକଙ୍କ ସହାୟତା ଲୋଡ଼ାଯାଇଛି ।

## ମେଘନାଦ ଜେନା ପାଇଲେ ଗୁଡ୍ ସମରିଟାନ ଆୱାର୍ଡ

ପାଣିକୋଇଲି, ୧୯।୧୧ (ବିକାଶ ମଲ୍ଲିକ):



ଦୁର୍ଘଟଣାରେ ଆହତ ବ୍ୟକ୍ତି ଓ ପ୍ରାଣୀଙ୍କୁ ନିଜର ଉତ୍କୃଷ୍ଟ ସେବା ପ୍ରଦାନ ଲାଗି ଯାଜପୁର ଜିଲା ଆଞ୍ଚଳିକ ପରିବହନ ବିଭାଗ ତରଫରୁ ଗୁଡ୍ ସମରିଟାନ ଆୱାର୍ଡରେ ସମ୍ମାନିତ ହୋଇଛନ୍ତି ପାଣିକୋଇଲିର ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଦସ୍ୟ ମେଘନାଦ ଜେନା । ମେଘନାଦ ସିଭିଲ ସର୍ଭିସ ପରୀକ୍ଷା ଲାଗି ପ୍ରସ୍ତୁତି କରୁଥିବାବେଳେ ପାଣିକୋଇଲି ଥାନା ଅନ୍ତର୍ଗତ ଶର୍ମା ପେଟ୍ରୋଲ ପମ୍ପ ନିକଟରେ ଏକ ମୋବାଇଲ ଦୋକାନ କରିଛନ୍ତି । ଦୁର୍ଘଟଣା ଖବର ପାଇବା ମାତ୍ରେ ସେ ଦୋକାନ ବନ୍ଦ କରି ଘଟଣାସ୍ଥଳକୁ ଯାଇ ଲୋକଙ୍କ ପ୍ରାଥମିକ ଚିକିତ୍ସା ପ୍ରଦାନ କରିବା ସହିତ ଆବଶ୍ୟକ ପଡ଼ିଲେ ନିଜ ବାଇକରେ ଗୁରୁତରଙ୍କୁ ଡାକ୍ତରଖାନାରେ ପହଞ୍ଚାଇଥାନ୍ତି । ଏତଦ୍‌ବ୍ୟତୀତ ଦୁର୍ଘଟଣାରେ ଆହତ ହୋଇ ପଡ଼ିଥିବା ବୁଲା ଷଣ୍ଢଙ୍କୁ ସେ ନିଜ ଖର୍ଚ୍ଚରେ ଚିକିତ୍ସା କରିଥାନ୍ତି । ଜୁନ ୨୪ରେ ସେ କୁଆଖିଆ ଯାଉଥିବାବେଳେ ପାରିବାରିକ କଳହକୁ କେନ୍ଦ୍ରକରି ଖରସ୍ରୋତା ପୋଲ ଉପରୁ ନଦୀକୁ ଡେଇଁ ଆତ୍ମହତ୍ୟା କରିବାକୁ ଯାଉଥିବା ଜଣେ ବୃଦ୍ଧାଙ୍କ ଜୀବନ ବଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ପରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ଅନୁମୋଦନ କ୍ରମେ ଯାଜପୁର ଆଞ୍ଚଳିକ ପରିବହନ ଅଧିକାରୀ ନୀଳକଣ୍ଠ ପ୍ରଧାନ ମେଘନାଦଙ୍କୁ ଉପରୋକ୍ତ ସମ୍ମାନ ପ୍ରଦାନ ଲାଗି ମନୋନୀତ କରିଥିଲେ । ରବିବାର ଯାଜପୁର ରୋଡ୍‌ସ୍ଥିତ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଯାଜପୁର ଆଞ୍ଚଳିକ ପରିବହନ ବିଭାଗ ତରଫରୁ ଆୟୋଜିତ ଫାଷ୍ଟ ରେସପଣ୍ଡର ଟ୍ରେନିଂ ପ୍ରୋଗାମରେ ଜାତୀୟ ରାଜପଥ ପାଟ୍ରୋଲିଙ୍ଗ ଅଧିକାରୀ ଅଶୋକ କୁମାର ବଳଙ୍କ ଉପସ୍ଥିତିରେ ମେଘନାଦଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରାଯାଇଛି ।

## ଆମ ଓଡ଼ିଶା, ନବୀନ ଓଡ଼ିଶାରେ ୫୮୨ ପ୍ରକଳ୍ପ ଶିଳନ୍ୟାସ

ଧର୍ମଶାଳା, ୧୯।୧୧ (ବଟକୃଷ୍ଣ ପରଡ଼ା):

ଧର୍ମଶାଳା ବ୍ଲକରେ ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାରେ ୫୮୨ ପ୍ରକଳ୍ପର ରବିବାର ଶିଳାନ୍ୟାସ କରାଯାଇଛି । ବ୍ଲକର ୪୫ ପଞ୍ଚାୟତରେ ୨୨ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପକୁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଶିଳାନ୍ୟାସ କରିଛନ୍ତି ।

ଏଥିରେ ୪୫ ପଞ୍ଚାୟତରେ ସରପଞ୍ଚ, ସମିତିସଭ୍ୟାସଭ୍ୟ, ଜିଲା ପରିଷଦ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ । ଯୋଜନାରେ ପ୍ରତି ପଞ୍ଚାୟତକୁ ବିଭିନ୍ନ ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ସେଥିରେ ଅଭୟପୁର ପଞ୍ଚାୟତର ୧୫ ପ୍ରକଳ୍ପ, ଅଞ୍ଜିରା-୧୧, ଅଣ୍ଟିଆ-୯, ଅରାବଳ-୧୮, ଅରେଇକଣା-୧୪, ଆରୁହା-୧୫, ବଡ଼କାଏମା-୧୭, ଭବାନୀପୁର-୧୦, ବୃନ୍ଦାଦେଇପୁର-୧୭, ଚହଟା-୧୧, ଚକ୍ରଧରପୁର-୧୬ ଓ ଚୋରମୁହାଁ ପଞ୍ଚାୟତରେ ୧୪ ପ୍ରକଳ୍ପ ମଞ୍ଜୁର ହୋଇଛି ।

ସେହିପରି ଦେଓଦା ପଞ୍ଚାୟତକୁ ୧୫, ଏଣ୍ଡଲବା-୧୩, ଗଙ୍ଗାଧରପୁର-୧୨, ହରିଦାସପୁର-୧୩, ଜାରକା-୯, ଜେନାପୁର-୧୪, କବାଟବନ୍ଧ-୧୩, କଦମପାଳ-୧୦, କମାଗଡ଼-୧୦, କଣ୍ଟିଗଡ଼ିଆ-୧୦, କୋଟପୁର-୧୬ ଓ କୁମାରୀ ପଞ୍ଚାୟତର ୧୨ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି । ମଧୁପୁରଗଡର-୧୩, ମଧୁସୁଦନପୁର-୧୦, ମହିଶରା-୧୭, ମଙ୍ଗଳପୁର ୧୩, ମର୍ଜିତାପୁର-୧୨, ମିର୍ଜାପୁର-୧୨, ନେଉଳପୁର-୧୩, ପାଖର-୧୨, ପାଟପୁର-୧୧ ଓ ପଟୁଣିଆ ପଞ୍ଚାୟତରେ ୧୫ ପ୍ରକଳ୍ପ ମଞ୍ଜୁର ହୋଇଛି । ସେହିପରି ପୁରୁଣା ବଉଳମାଳ-୧୭, ରାଇଛନ୍ଦା-୧୫, ରେଖିଦେଇପୁର-୯, ସାହାଣୀଡିହ-୧୩, ସମ୍ପାରୁ-୧୦, ସୁନ୍ଦରିଆ-୧୧, ତାଳଜଙ୍ଗ-୧୫, ତରଞ୍ଜିଆ-୧୧, ଥାନୁଆଳ-୧୬ ଓ ଉତ୍ତରପ୍ରତାପ ପଞ୍ଚାୟତରେ ୧୪ ପ୍ରକଳ୍ପ ମଞ୍ଜୁର ହୋଇଛି ।

## ବ୍ୟାସଭିଆନ-୮୧ର ନଗଡ଼ା ଯାତ୍ରା




ନଗଡ଼ା ଶିବ ମନ୍ଦିର ନିକଟରେ ବ୍ୟାସଭିଆନ -୮୧ ପ୍ରତିନିଧି ଦଳ ।

ଯାଜପୁରରୋଡ୍, ୧୯।୧୧ (ପବିତ୍ରରଞ୍ଜନମହାନ୍ତି):

### ନାରାୟଣ ଧୀରଙ୍କୁ ନଗଡ଼ା ବନ୍ଧୁ ଏବଂ ରବି ନାରାୟଣ କରଙ୍କୁ ନଗଡ଼ା ଶ୍ରୀସମ୍ମାନ

ବ୍ୟାସନଗର ମହାବିଦ୍ୟାଳୟ ୧୯୮୧ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଅନୁଷ୍ଠାନ ବ୍ୟାସଭିଆନ-୮୧ ତରଫରୁ ସୁକିନ୍ଦାର ବହୁ ଚର୍ଚ୍ଚିତ ନଗଡ଼ା ପରିଦର୍ଶନ କରାଯାଇଛି । ଅନୁଷ୍ଠାନର ଆବାହକ ବିବେକାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଚିଙ୍ଗୁଡ଼ିପାଲ ପଞ୍ଚାୟତର ଉପର ନଗଡ଼ା, ମଝି ନଗଡ଼ା ଓ ତଳ ନଗଡା ପରିଦର୍ଶନ କରି ଗ୍ରାମବାସୀଙ୍କ ଜୀବନୀ ଓ ଜୀବିକା ଉପରେ ପୁଙ୍ଖାନୁ ପୁଙ୍ଖ ଅନୁଧ୍ୟାନ କରିଛନ୍ତି । ଏକଦା ଅପପୁଷ୍ଟିର ଶିକାର ହୋଇ ଜାତୀୟସ୍ତରରେ ଚର୍ଚ୍ଚିତ ଏହି ଅନୁନ୍ନତ ପାହାଡ଼ ଘେରା ଆଦିବାସୀ ଅଞ୍ଚଳ ଏବେ ବିକାଶର ସୂର୍ଯ୍ୟ ଦେଖିପାରିଛି । ଯାହା ସମାଜର ମୁଖ୍ୟ ସ୍ରୋତରେ ପହଞ୍ଚି ପାରିଛି ବୋଲି ପ୍ରତିନିଧି ଦଳ ଅନୁଭବ କରିଛନ୍ତି । ଏହାର ମୁଖ୍ୟ ଶ୍ରେୟ ବିଶିଷ୍ଟ ସାମାଜିକ କର୍ମୀ ନାରାୟଣ ଚନ୍ଦ୍ର ଧୀରଙ୍କୁ ଦିଆଯିବା ସହ ତାଙ୍କୁ 'ନଗଡ଼ା ବନ୍ଧୁ' ଓ ବରିଷ୍ଠ ଖବରଦାତା ରବିନାରାୟଣ କରଙ୍କୁ 'ନଗଡ଼ା ଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଛି । ଏହି ସ୍ଥାନଟି ଭବିଷ୍ୟତରେ ଓଡ଼ିଶା ପର୍ଯ୍ୟଟନର ମାନଚିତ୍ରରେ ପ୍ରମୁଖ ସ୍ଥାନ ହେବ ବୋଲି ଆଶାପ୍ରକାଶ କରାଯାଇଛି । ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଅତିରିକ୍ତ ଏସ୍‌ପି ଅଶୋକ କୁମାର ଦେଓ, ପୂର୍ବତନ ଭବିଷ୍ୟ ନିଧି ଉପ ଆୟୁକ୍ତ ଅଗସ୍ତି କୁମାର ଜେନା, ଧ୍ରୁବ ଚରଣ ସ୍ୱାଇଁ, ପହଲୀ ଚରଣ ରାଉତ, ପ୍ରଭାତ କୁମାର ନାୟକ, ରୁଦ୍ର ନାରାୟଣ ଜେନା, ଆଇନଜୀବୀ ସଚିନ୍ଦ୍ର କୁମାର ବାରିକ, ଗୋପୀନାଥ ସାହୁ, ପ୍ରତାପ କୁମାର ଦେଓ, ପ୍ରକାଶ କୁମାର ପାତ୍ର, ଶିଶିର କୁମାର ଚୌଧୁରୀ, ନିରଞ୍ଜନ ନାୟକ ପ୍ରମୁଖ ସାମିଲ ହୋଇଥିଲେ ।

## ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ଦିବ୍ୟାଙ୍ଗ ଛାତ୍ର

ବିଞ୍ଝାରପୁର, ୧୯।୧୧ (ରାମକୃଷ୍ଣ ଦାସ):

ବିଞ୍ଝାରପୁର ବ୍ଲକ ବାଙ୍ଗରା ପଞ୍ଚାୟତ ରାଉତସାହିର ଦିବ୍ୟାଙ୍ଗ ଛାତ୍ର ଅର୍ଣ୍ଣବ ରାଉତ ଇଣ୍ଡିଆ ବୁକ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି । ଏହି ଖବର ଜଣାପଡ଼ିବାପରେ ଗ୍ରାମ ସମେତ ସମଗ୍ର ବ୍ଲକରେ ଆନନ୍ଦର ଲହରି ଖେଳିଯାଇଛି । ବାଙ୍ଗରା ପଞ୍ଚାୟତ ରାଉତସାହିର ରଶ୍ମିରଞ୍ଜନ ରାଉତ ଓ ନୀତୁ ରାଉତଙ୍କ ଦିବ୍ୟାଙ୍ଗ ପୁଅ ଅର୍ଣ୍ଣବ ଦିବ୍ୟାଙ୍ଗ ହୋଇ ମଧ୍ୟ ଗଣିତରେ ଜଟିଳ ଯୋଗ, ବିୟୋଗ ଓ ଗୁଣନକୁ ଅତି ସହଜରେ ଓ ଖୁବ କମ ସମୟ ମଧ୍ୟରେ ନିର୍ଭୁଲଭାବେ ସମାଧାନ କରିପାରୁଛନ୍ତି । ଯେଉଁଥି ପାଇଁ ତାଙ୍କର ନାମ ଇଣ୍ଡିଆ ବୁକ ଅଫ ରେକର୍ଡସରେ ସ୍ଥାନ ପାଇଛି । ଅକ୍ଟୋବର ୧୪ରେ ଦିଲ୍ଲୀରେ ଆର୍ଣ୍ଣବଙ୍କୁ ସମ୍ମାନିତ କରାଯାଇଥିବାବେଳେ ରବିବାର ତାଙ୍କୁ ବାଙ୍ଗରା ପଞ୍ଚାୟତ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି ।

ରଶ୍ମିରଞ୍ଜନଙ୍କ କହିବା ଅନୁଯାୟୀ, ଅର୍ଣ୍ଣବଙ୍କୁ ଯେତେବେଳେ ଅଢ଼େଇବର୍ଷ ହୋଇଥିଲା ତାଙ୍କର କଥା କହିବାର ସମସ୍ୟା ଦେଖାଦେଇଥିଲା । ଏହା ଏକ ସ୍ନାୟୁ ଜନିତ ରୋଗ ବୋଲି ପରୀକ୍ଷାରୁ ଜଣାପଡ଼ିଥିଲା । ସେ ସମୟରେ ଅନେକ ସ୍କୁଲରେ ଅର୍ଣ୍ଣବଙ୍କ ନାମ ଲେଖେଇବାକୁ ଚାହିଁଥିଲେ । କିନ୍ତୁ କୌଣସି ସ୍କୁଲ ଗ୍ରହଣ କଲେନାହିଁ । ତେଣୁ ସେ ଅର୍ଣ୍ଣବଙ୍କୁ ଘରେ ପଢ଼ାଇଥିଲେ । ଜଣେ ଦିବ୍ୟାଙ୍ଗ ପିଲା ସ୍କୁଲ ନ ଯାଇ କିପରି ଏତେ ଜଟିଳ ଗଣିତର ସମାଧାନ ଖୁବ୍‌ଶୀଘ୍ର କରିପାରୁଛି ତାକୁନେଇ ସମସ୍ତେ ଚିନ୍ତା ପ୍ରକଟ କରିଛନ୍ତି । ଅନ୍ୟପକ୍ଷରେ ଅର୍ଣ୍ଣବଙ୍କ ବାପା ଓ ମା' ବ୍ୟାଙ୍କ ଚାକିରୀ ଛାଡ଼ି ନିଜର ଜୀବନକୁ ଉତ୍ସର୍ଗକରି ଯେଭଳି ନିଜ ପିଲା ପାଇଁ ତ୍ୟାଗ କରିଛନ୍ତି ତାହା ଅବର୍ଣ୍ଣନୀୟ ଓ ଅର୍ଣ୍ଣବ ବ୍ଲକର ଗୌରବ ବୋଲି ସରପଞ୍ଚ ଜ୍ଞାନରଞ୍ଜନ ଯେନା କହିଛନ୍ତି ।



ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇଥିବା ଦିବ୍ୟାଙ୍ଗ ଛାତ୍ର ଅର୍ଣ୍ଣବଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ବିଦ୍ୟୁତ୍ ଆଘାତରେ ଢାବା କର୍ମଚାରୀଙ୍କ ମୃତ୍ୟୁ

ଧର୍ମଶାଳା, ୧୯।୧୧ (ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ଅନ୍ତର୍ଗତ ଭଡ଼ଙ୍ଗା ଛକସ୍ଥିତ ଏକ ଢ଼ାବାରେ ବିଦ୍ୟୁତ୍ ଆଘାତରେ ଜଣେ କର୍ମଚାରୀଙ୍କ ମୃତ୍ୟୁ ହୋଇଛି । ସେ ହେଲେ ଗଡ଼ମଧୁପୁର ଗ୍ରାମର ପଦ୍ମନାଭ ମଲିକ (୪୫) । ଶନିବାର ରାତିରେ ସେ ଢାବାରେ କାମ କରୁଥିବା ବେଳେ ସେଠାରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ । ଢାବା କର୍ମଚାରୀମାନେ ତାଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଧର୍ମଶାଳା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ ଚଳାଇଛି । ଏନେଇ ଥାନରେ ନମ୍ବର ୨୯/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

## ଜିଲା କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ




ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀରେ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀ ।

ଯାଜପୁର ଟାଉନ, ୧୯।୧୧ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ଜିଲା କଂଗ୍ରେସ ପକ୍ଷରୁ ଜିଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତଙ୍କ ଅକ୍ଷତାରେ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଗରିଆପୁର ଓ ବାରୁଣୀ ପଡିଆସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ତାଙ୍କ ଫଟୋରେ ମାଲ୍ୟାର୍ପଣ କରାଯାଇଥିଲା । ଭାରତବର୍ଷର ଅଖଣ୍ଡତା, ସାର୍ବଭୌମତ୍ୱ, ଧର୍ମନିରପେକ୍ଷତା ଓ ବୈଦେଶିକ ସଂପର୍କ କ୍ଷେତ୍ରରେ ସେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ଏଥିରେ ସନ୍ତୋଷ ନନ୍ଦ, ବିଷ୍ଣୁ ରାଉତ, ଦିଗମ୍ବରକର, ଅଞ୍ଚଳ ଦାସ, ନାରାୟଣ ସାମନ୍ତ, ଦୁର୍ଯ୍ୟୋଧନ ବେହେରା, ବଳଭଦ୍ର ଦାସ, ଗଦାଧର ଦାସ, ପ୍ରତିମା କର, ସନ୍ତୋଷ ବେହେରା, କନକରାଉତ, ଦେବେନ୍ଦ୍ର ପଣ୍ଡା, ସଂଗ୍ରାମ ଜେନା, ହୃଷୀକେଶ ପତି, ପ୍ରଶାନ୍ତ ସାହୁ, ବିଜୟ ମହାପାତ୍ର ଓ ରଘୁନାଥ ସାହୁ ପ୍ରମୁଖଙ୍କ ସହ ବହୁ ସଦସ୍ୟ ସାମିଲ ହୋଇଥିଲେ ।

## ଗୋରୁ ବୋଝେଇ ଭ୍ୟାନ୍ ଓଲଟି ହେଲ୍‌ପର ମୃତ

ଠାକୁରମୁଣ୍ଡା, ୧୯।୧୧ (ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର ଜୁଆଳିକଟା ଛକ ନିକଟରେ ରବିବାର ସକାଳେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଓଲଟି ହେଲ୍‌ପରଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନ ବାଲିପୋଷି ଗ୍ରାମର ଆବୁଲି ନାୟକ(୩୫) । ବୋଝେଇ ହୋଇ ଯାଉଥିବା ଗୋରୁଙ୍କ ମଧ୍ୟରୁ ଗୋଟିଏ ବଳଦର ମଧ୍ୟ ମୃତ୍ୟୁ ଘଟିଛି । ଦୁର୍ଘଟଣାରେ କେତୋଟି ଗୋରୁ ଆହତ ହୋଇଛନ୍ତି । ଦୁର୍ଘଟଣା ପରେ ଭ୍ୟାନ୍‌ର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି ।

ସୂଚନା ଅନୁଯାୟୀ, ଠାକୁରମୁଣ୍ଡା ପଟୁ ଉକ୍ତ ପିକ୍‌ଅପ୍ ଭ୍ୟାନ୍ ପ୍ରାୟ ୧୦/୧୨ ଗୋରୁଙ୍କୁ ବୋଝେଇ କରି କରଞ୍ଜିଆ ଆଡ଼କୁ ଯାଉଥିଲା । ଜୁଆଳିକଟା ଛକ ନିକଟରେ ଭ୍ୟାନ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଠାକୁରମୁଣ୍ଡା ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଭ୍ୟାନ୍ ହେଲ୍‌ପରଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଆହତ ଗୋରୁଙ୍କ ଚିକିତ୍ସା ପାଇଁ ଘଟଣାସ୍ଥଳକୁ ପ୍ରାଣୀ ଚିକିତ୍ସାଳୟର ଆମ୍ବୁଲାନ୍ସ ଯାଇ ଚିକିତ୍ସା କରିଛି । ଏନେଇ ଠାକୁରମୁଣ୍ଡା ଥାନାରେ ମାମଲା ରୁଜୁ ହୋଇଛି ।

## ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦଖଲରେ କଂକ୍ରିଟ ଖଳା

■ ଫସଲ ପରିବର୍ତ୍ତେ ଜମା ରହୁଛି ଘରୋଇ ସାମଗ୍ରୀ

■ ଜିଲାରେ ନିର୍ମାଣ ହୋଇଛି ମୋଟ ୧୦୬ ଖଳା

କେନ୍ଦ୍ରାପଡ଼ା, ୧୯।୧୧ (ଜଗନ୍ନାଥ ଧଳ)



କେନ୍ଦ୍ରାପଡ଼ା ବାରିମୂଳଠାରେ ଥିବା କଂକ୍ରିଟ୍ ଖଳାରେ ବାଲି ଗଦା କରାଯାଇଛି ।

କୃଷି ଅର୍ଥନୀତିରେ ପରିଚାଳିତ କେନ୍ଦ୍ରାପଡା ଜିଲାରେ କୃଷି ଯୋଜନା କାର୍ଯ୍ୟକାରୀ ହୋଇପାରୁନି । ଯୋଜନା ସହ ଅର୍ଥ ବ୍ୟୟ ହେଉଥିଲେ ମଧ୍ୟ ତୃଣମୂଳସ୍ତରର ଚାଷୀ ଉପକୃତ ହୋଇପାରୁନାହାନ୍ତି । ଆଳୁ, ସୂର୍ଯ୍ୟମୁଖୀ, ବାଦାମ ବିହନ ଯୋଗାଣ ଅନିୟମିତତା ପରେ ଏବେ କଂକ୍ରିଟ ଖଳା ଯୋଜନା ନେଇ ଚାଷୀ ଅସନ୍ତୁଷ୍ଟ ଅଛନ୍ତି । ଜିଲାରେ ଇତିମଧ୍ୟରେ ୧୦୬ଟି ଖଳା ନିର୍ମାଣ ହୋଇଛି । ତେବେ ଏହି ଖଳା ଚାଷୀଙ୍କ ପରିବର୍ତ୍ତେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଜବରଦଖଲକୁ ଚାଲିଯାଇଛି । ସେହିପରି ନିମ୍ନମାନର କାର୍ଯ୍ୟ ଯୋଗୁ ନିର୍ମାଣର ଅଳ୍ପ କେତେଦିନ ମଧ୍ୟରେ ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି ।

ଡେରାବିଶ ବ୍ଲକ ବାରିମୂଳର ଅନନ୍ତ ମଲ୍ଲିକ କହିଛନ୍ତି, ଖରିଫ ଧାନ ଅମଳ ଚାଷୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ଏହି ଜିଲାରେ ଧାନଚାଷ ଅଧିକ । ଏହାକୁ ଅମଳ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଗ୍ରାମରେ କଂକ୍ରିଟ ଖଳା ନିର୍ମାଣ ହୋଇଛି । ଏହି ଖଳା ଏବେ କେତେଜଣ ଲୋକଙ୍କ ଜବରଦଖଲକୁ ଚାଲିଯାଇଛି । ଖଳାରେ ଗାଈ ମଇଁଷି ବାନ୍ଧିବା ସହିତ ଘଷି ଭାଡ଼ି ରହିଛି । ଏପରି କି ଏହି ଖଳାରେ ବାଲି, କଂକ୍ରିଟ ରହିଥିବା ଦେଖିବାକୁ ମିଳିଛି । ଜିଲାରେ ସାଧାରଣତଃ ଧାନ ଅମଳ ସମୟରେ ସାମୁଦ୍ରିକ ଝଡ଼ ଦେଖାଯାଇଥାଏ । ଏହି ସମୟରେ ଅମଳ ସମସ୍ୟା ହୋଇଥାଏ । ଜବରଦଖଲରେ ଖଳା ଥିବାରୁ ଚାଷୀ କଂକ୍ରିଟ ଖଳାର ଉପଯୋଗ କରିପାରୁନାହାନ୍ତି । ମହାକାଳପଡ଼ାର ଚାଷୀ ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି, ଗୋଟିଏ କଂକ୍ରିଟ ଖଳାରେ ଅନ୍ୟୁନ ୭ରୁ ୯ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ବ୍ୟୟ ହେଉଛି । ଏହି ନିର୍ମାଣ କାର୍ଯ୍ୟକୁ ନେଇ ପ୍ରଶାସନିକ ଅଧିକାରୀଙ୍କ ନଜର ରହୁନାହିଁ । ଫଳରେ ଠିକାଦାର ଖଳା ନିର୍ମାଣ ପରେ ଦୁଇ ମାସ ମଧ୍ୟରେ ଏହା ନଷ୍ଟ ହୋଇଯାଉଛି । ସେହିପରି ଖଳା ନିର୍ମାଣ ସ୍ଥାନ ଚୟନରେ ବହୁ ତ୍ରୁଟି ଅଛି । ଖଳାକୁ କ୍ଷେତ ଅଞ୍ଚଳ ମଧ୍ୟରେ ରଖିଲେ ଏହାର ସୁଉପଯୋଗ ହୋଇପାରିବ । କେତେଗୋଟି ଖଳା ଓ କ୍ଷେତର ଦୂରତା ପ୍ରାୟ ୩ରୁ ୫ କିଲୋମିଟର ରହୁଥିବାରୁ ଚାଷୀ ଏହାକୁ ଉପଯୋଗ କରୁନାହାନ୍ତି । ଏହାସହ ଖଳାକୁ ଜବରଦଖଲକାରୀଙ୍କଠାରୁ ମୁକ୍ତ କରା ନ ଗଲେ ଯୋଜନା ଫେଲ ମାରିଛି ବୋଲି କୁହାଯାଇପାରେ । ଏ ସମ୍ପର୍କରେ ଆର୍‌ଏମ୍‌ସି ସମ୍ପାଦକ ଚନ୍ଦ୍ରକାନ୍ତ ଜେନାଙ୍କୁ ପଚାରିବାରେ ଜିଲାରେ ମୋଟ ୧୦୬ଟି ଖଳା ମଧ୍ୟରୁ କୃଷି ବିଭାଗ ପକ୍ଷରୁ ୨୮ଟି ଖଳା ନିର୍ମାଣ ହୋଇଛି । ଅବଶିଷ୍ଟ ୭୮ ଖଳା ଆରଏମ୍‌ସି ପକ୍ଷରୁ ନିର୍ମାଣ କରାଯାଇଛି । ପ୍ରାୟ ଅଢ଼େଇ ଗୁଣ୍ଠ ଜମି ଉପରେ ଖଳା ନିର୍ମାଣ ପାଇଁ ୭ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି । ଗ୍ରାମର ଚାଷୀ ଏହାକୁ ଉପଯୋଗ କରିବା କଥା । ଗ୍ରାମବାସୀଙ୍କ ବିରୋଧ ହେଲେ ଜବରଦଖଲ ହଟିବ । ଜବରଦଖଲ ସମ୍ପର୍କରେ ଅଦ୍ୟାବଧି କୌଣସି ଅଭିଯୋଗ ଆସିନାହିଁ । ଏପରି ଘଟଣା ନଜରକୁ ଆସିଲେ ପ୍ରଶାସନିକ ତଦନ୍ତ ସହ ପୋଲିସର ସହଯୋଗରେ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି ।

## ସଂକ୍ଷେପରେ

### ପୁନର୍ବାର ଇତିହାସ ରଚିଲା ଶରତ କୁମାର ଦେବ ଉଚ୍ଚ ବିଦ୍ୟାଳୟ

ଆଳି, ୧୯।୧୧ (ବନମାଳୀ ସେନାପତି)

ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷାରେ ଶରତ କୁମାର ଦେବ ଉଚ୍ଚ ବିଦ୍ୟାଳୟର ଛାତ୍ରୀ



ଶୁଭଶ୍ରୀ ସାହୁ ୯୪ ନମ୍ବର ରଖି ବ୍ଲକରେ ସର୍ବୋଚ୍ଚ ସ୍ଥାନରେ ଥିବା ଜଣାପଡ଼ିଛି। ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଏହି ପରୀକ୍ଷା ଫଳ ପ୍ରକାଶ ପରେ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି। ଶୁଭଶ୍ରୀ ହେଉଛନ୍ତି ଶରତ କୁମାର ଦେବ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଇଂରାଜୀ ଶିକ୍ଷକ ଶିବ ପ୍ରସାଦ ସାହୁ ଓ ଦୀପାମାଳାଙ୍କ ବଡ଼ଝିଅ। ଏହି ପରୀକ୍ଷାରେ ସଫଳତା ପାଇ ଶୁଭଶ୍ରୀ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ଲାଗି ସାହୁ ଏବଂ ତାଙ୍କ ପରିବାରବର୍ଗ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ମେଧାବୀ ଛାତ୍ରୀ ଶୁଭଶ୍ରୀ ଏହା ପୂର୍ବରୁ ତୃତୀୟ ବୃତ୍ତି ପରୀକ୍ଷା, ପଞ୍ଚମ ବୃତ୍ତି ପରୀକ୍ଷା ଓ ଷଷ୍ଠ ଶ୍ରେଣୀରେ ପଠାଣି ସାମନ୍ତ ମେଧା ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ।

# ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦଖଲରେ କଂକ୍ରିଟ ଖଳା

କେନ୍ଦ୍ରାପଡ଼ା, ୧୯।୧୧ (ଜଗନ୍ନାଥ ଧଳ)



କେନ୍ଦ୍ରାପଡ଼ା ଜିଲା ବାରିମୂଳଠାରେ ଥିବା ଏକ ଖଳାରେ ବାଲି ଗଦା କରି ଜବରଦଖଲ କରାଯାଇଛି।

- ଫସଲ ପରିବର୍ତ୍ତେ ଜମା ରହୁଛି ଘରୋଇ ସାମଗ୍ରୀ
- ଜିଲାରେ ନିର୍ମାଣ ହୋଇଛି ମୋଟ ୧୦୬ ଖଳା

କୃଷି ଅର୍ଥନୀତିରେ ପରିଚାଳିତ କେନ୍ଦ୍ରାପଡା ଜିଲାରେ କୃଷି ଯୋଜନା କାର୍ଯ୍ୟକାରୀ ହୋଇପାରୁନି। ଯୋଜନା ସହ ଅର୍ଥ ବ୍ୟୟ ହେଉଥିଲେ ମଧ୍ୟ ତୃଣମୂଳସ୍ତରର ଚାଷୀ ଉପକୃତ ହୋଇପାରୁନାହାନ୍ତି। ଆଳୁ, ସୂର୍ଯ୍ୟମୁଖୀ, ବାଦାମ ବିହନ ଯୋଗାଣ ଅନିୟମିତତା ପରେ ଏବେ କଂକ୍ରିଟ ଖଳା ଯୋଜନା ନେଇ ଚାଷୀ ଅସନ୍ତୁଷ୍ଟ ଅଛନ୍ତି। ଜିଲାରେ ଇତିମଧ୍ୟରେ ୧୦୬ଟି ଖଳା ନିର୍ମାଣ ହୋଇଛି। ତେବେ ଏହି ଖଳା ଚାଷୀଙ୍କ ପରିବର୍ତ୍ତେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଜବରଦଖଲକୁ ଚାଲିଯାଇଛି। ସେହିପରି ନିମ୍ନମାନର କାର୍ଯ୍ୟ ଯୋଗୁ ନିର୍ମାଣର ଅଳ୍ପ କେତେଦିନ ମଧ୍ୟରେ ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି।

ଡେରାବିଶ ବ୍ଲକ ବାରିମୂଳର ଅନନ୍ତ ମଲ୍ଲିକ କହିଛନ୍ତି, ଖରିଫ ଧାନ ଅମଳ ଚାଷୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହି ଜିଲାରେ ଧାନଚାଷ ଅଧିକ। ଏହାକୁ ଅମଳ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଗ୍ରାମରେ କଂକ୍ରିଟ ଖଳା ନିର୍ମାଣ ହୋଇଛି। ଏହି ଖଳା ଏବେ କେତେଜଣ ଲୋକଙ୍କ ଜବରଦଖଲକୁ ଚାଲିଯାଇଛି। ଖଳାରେ ଗାଈ ମଇଁଷି ବାନ୍ଧିବା ସହିତ ଘଷି ଭାଡ଼ି ରହିଛି। ଏପରି କି ଏହି ଖଳାରେ ବାଲି, କଂକ୍ରିଟ ରହିଥିବା ଦେଖିବାକୁ ମିଳିଛି। ଜିଲାରେ ସାଧାରଣତଃ ଧାନ ଅମଳ ସମୟରେ ସାମୁଦ୍ରିକ ଝଡ଼ ଦେଖାଯାଇଥାଏ। ଏହି ସମୟରେ ଅମଳ ସମସ୍ୟା ହୋଇଥାଏ। ଜବରଦଖଲରେ ଖଳା ଥିବାରୁ ଚାଷୀ କଂକ୍ରିଟ ଖଳାର ଉପଯୋଗ କରିପାରୁନାହାନ୍ତି। ମହାକାଳପଡ଼ାର ଚାଷୀ ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି, ଗୋଟିଏ କଂକ୍ରିଟ ଖଳାରେ ଅନ୍ୟୂନ ୭ରୁ ୯ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ବ୍ୟୟ ହେଉଛି। ଏହି ନିର୍ମାଣ କାର୍ଯ୍ୟକୁ ନେଇ ପ୍ରଶାସନିକ ଅଧିକାରୀଙ୍କ ନଜର ରହୁନାହିଁ। ଫଳରେ ଠିକାଦାର ଖଳା ନିର୍ମାଣ ପରେ ଦୁଇ ମାସ ମଧ୍ୟରେ ଏହା ନଷ୍ଟ ହୋଇଯାଉଛି। ସେହିପରି ଖଳା ନିର୍ମାଣ ସ୍ଥାନ ଚୟନରେ ବହୁ ତ୍ରୁଟି ଅଛି। ଖଳାକୁ କ୍ଷେତ ଅଞ୍ଚଳ ମଧ୍ୟରେ ରଖିଲେ ଏହାର ସୁଉପଯୋଗ ହୋଇପାରିବ। କେତେଗୋଟି ଖଳା ଓ କ୍ଷେତର ଦୂରତା ପ୍ରାୟ ୩ରୁ ୫ କିଲୋମିଟର ରହୁଥିବାରୁ ଚାଷୀ ଏହାକୁ ଉପଯୋଗ କରୁନାହାନ୍ତି। ଏହାସହ ଖଳାକୁ ଜବରଦଖଲକାରୀଙ୍କଠାରୁ ମୁକ୍ତ କରା ନ ଗଲେ ଯୋଜନା ଫେଲ ମାରିଛି ବୋଲି କୁହାଯାଇପାରେ। ଏ ସମ୍ପର୍କରେ ଆର୍‌ଏମ୍‌ସି ସମ୍ପାଦକ ଚନ୍ଦ୍ରକାନ୍ତ ଜେନାଙ୍କୁ ପଚାରିବାରେ ଜିଲାରେ ମୋଟ ୧୦୬ଟି ଖଳା ମଧ୍ୟରୁ କୃଷି ବିଭାଗ ପକ୍ଷରୁ ୨୮ଟି ଖଳା ନିର୍ମାଣ ହୋଇଛି। ଅବଶିଷ୍ଟ ୭୮ ଖଳା ଆରଏମ୍‌ସି ପକ୍ଷରୁ ନିର୍ମାଣ କରାଯାଇଛି। ପ୍ରାୟ ଅଢ଼େଇ ଗୁଣ୍ଠ ଜମି ଉପରେ ଖଳା ନିର୍ମାଣ ପାଇଁ ୭ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି। ଗ୍ରାମର ଚାଷୀ ଏହାକୁ ଉପଯୋଗ କରିବା କଥା। ଗ୍ରାମବାସୀଙ୍କ ବିରୋଧ ହେଲେ ଜବରଦଖଲ ହଟିବ। ଜବରଦଖଲ ସମ୍ପର୍କରେ ଅଦ୍ୟାବଧି କୌଣସି ଅଭିଯୋଗ ଆସିନାହିଁ। ଏପରି ଘଟଣା ନଜରକୁ ଆସିଲେ ପ୍ରଶାସନିକ ତଦନ୍ତ ସହ ପୋଲିସର ସହଯୋଗରେ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି।

# ୨୧୨ ହିତାଧିକାରୀଙ୍କୁ ଅନୁମତିପତ୍ର ବଣ୍ଟନ

କୁଜଙ୍ଗ, ୧୯।୧୧ (ମନୋଜ ପ୍ରଧାନ)

**ବିଶ୍ୱ ଶୌଚାଳୟ ଦିବସ**

ବିଶ୍ୱ ଶୌଚାଳୟ ଦିବସ ପାଳନ ଅବସରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତରଫରୁ ସଚେତନତା ଅଭିଯାନ କରାଯାଇଛି। ଏହି ଅବସରରେ ୨୧୨ ହିତାଧିକାରୀଙ୍କୁ ପାଇଖାନା ନିର୍ମାଣ ପାଇଁ ଅନୁମତିପତ୍ର ପ୍ରଦାନ କରାଯାଇଛି । କୁଜଙ୍ଗ ବ୍ଲକ ପ୍ରଶାସନ ତରଫରୁ ସୂଚନା କେନ୍ଦ୍ରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ପରିମଳ ସଂଯୋଜକ ଜଗନ୍ନାଥ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ ଓ ସମ୍ମାନିତ ଅତିଥିଭାବେ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପରିଷ୍କାର ପରିଚ୍ଛନ୍ନତା ଅପରିହାର୍ଯ୍ୟ ବୋଲି କହିଥିଲେ। ବାହାରେ ଶୌଚ ହେବା ଦ୍ୱାରା ବିଭିନ୍ନ ପ୍ରକାର ଶାରୀରିକ ସମସ୍ୟା ଉପୁଜି ଥାଏ । ବିଶେଷ କରି ବାହାରେ ଶୌଚ ହେଲେ ମହିଳାମାନଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼ିଥାଏ। ବାହାରେ ଶୌଚ ହେଲେ ବାହ୍ୟ ପରିବେଶ ଦୂଷିତ ହେବା ସହ ବିଭିନ୍ନ ଶାରୀରିକ ସମସ୍ୟା ଉପୁଜି ଥାଏ। ଏହାକୁ ଲକ୍ଷ୍ୟ ରଖି ଜାତିସଂଘ ପକ୍ଷରୁ ନଭେମ୍ବର ୧୯କୁ ବିଶ୍ୱ ଶୌଚାଳୟ ଦିବସ ଭାବେ ପାଳନ କରାଯାଉଛି। କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ମିଶନ ଜରିଆରେ ଗରିବ ଜନସାଧାରଣଙ୍କୁ ପାଇଖାନା ଯୋଗାଇ ଦେଉଛନ୍ତି। ସମସ୍ତେ ଏହାର ସଦୁପଯୋଗ କରିବାକୁ ଉପସ୍ଥିତ ଲୋକଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ତାଳପଡା ସରପଞ୍ଚ ଦମୟନ୍ତୀ ଲେଙ୍କା ଉପସ୍ଥିତ ରହି ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରିଥିଲେ।



ଶୌଚାଳୟ ନିର୍ମାଣ ଲାଗି କାର୍ଯ୍ୟାଦେଶ ଦିଆଯାଉଛି।

### ଖବରକାଗଜ ବିତରକଙ୍କ ସ୍ତ୍ରୀ ବିୟୋଗରେ ଶୋକ

ଜଗତ୍‌ସିଂହପୁର, ୧୯।୧୧ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ସହରର ଜଣାଶୁଣା ଖବରକାଗଜ ବିତରକ ତଥା ସାମାଜିକ କର୍ମୀ ସ୍ଥାନୀୟ ବଡ଼ବାଗ ଗ୍ରାମର ଅନନ୍ତ ସାହୁଙ୍କ ସ୍ତ୍ରୀ ପୁଷ୍ପଲତା ସାହୁ (୩୮)ଙ୍କ ବିୟୋଗ ଘଟିଛି। ଏନେଇ ସହରରେ ଶୋକର ଛାୟା ଖେଳିଯାଇଛି। ଶନିବାର ମଧ୍ୟାହ୍ନରେ ପୁଷ୍ପଲତାଙ୍କ ହୃଦ୍‌ଘାତଜନିତ ମୃତ୍ୟୁ ଘଟିଥିବା ଖବର ପାଇ ବଡ଼ବାଗର ଗ୍ରାମବାସୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପୁଷ୍ପଲତାଙ୍କ ଗୋଟିଏ ଝିଅ ଓ ଗୋଟିଏ ପୁଅ ରହିଛନ୍ତି । ଗାଁ ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ପୁଅ ରବୀନ୍ଦ୍ର ସାହୁ ମୁଖାଗ୍ନି ଦେଇଥିଲେ।

# ଖବରଦାତା ସୁରକ୍ଷା ଆଇନ ପ୍ରଣୟନ ଦାବି

ତିର୍ତ୍ତୋଲ, ୧୯।୧୧ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମଣିଜଙ୍ଗାସ୍ଥିତ ନାରାୟଣୀ ମନ୍ଦିର ପ୍ରାଙ୍ଗଣରେ ରବିବାର ତିର୍ତ୍ତୋଲ ପ୍ରେସ୍ କ୍ଲବର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବର ପ୍ରତିଷ୍ଠାତା ଉପସଭାପତି ପଦ୍ମଲୋଚନ ଦାସ ସଭାପତିତ୍ୱ କରିଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଉପରେ ହେଉଥିବା ଆକ୍ରମଣର ନିନ୍ଦା କରାଯାଇଥିଲା। କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ଲାଗି ସୁରକ୍ଷା ଆଇନ ଶୀଘ୍ର ପ୍ରଣୟନ ଲାଗି ସରକାର ଦୃଷ୍ଟି ଦେବାକୁ ସଦସ୍ୟମାନେ ଦାବି କରିଥିଲେ। ଏଥିସହ ସ୍ୱାସ୍ଥ୍ୟ ବୀମା ସରଳୀକରଣ ସହ ମା'ବାପାଙ୍କୁ ବୀମାରେ ସାମିଲ କରିବା ଓ ବୟସ୍କ ଖବରଦାତାମାନଙ୍କୁ ପେନ୍‌ସନ ପ୍ରଦାନ ଲାଗି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ଅଭୟ କୁମାର ସାହୁ, ଯଦୁମଣି ସାହୁ, ପ୍ରତିଷ୍ଠାତା ସମ୍ପାଦକ ଗୌରାଙ୍ଗ ସ୍ୱାଇଁ, ଶ୍ରୀକାନ୍ତ ଦାଶ, ଶୁସୀଲ କୁମାର ମହାପାତ୍ର, ଦେବାଶିଷ ଦାଶ, ଅଭିଷେକ ତ୍ରିପାଠୀ, ନଳିନୀକାନ୍ତ ମଲ୍ଲିକ, ମିହିର ନାୟକ ପ୍ରମୁଖ ସାମିଲ ହୋଇଥିଲେ।



ବୈଠକରେ ଯୋଗଦେଇଥିବା ତିର୍ତ୍ତୋଲ ପ୍ରେସ୍ କ୍ଲବର ସଦସ୍ୟମାନେ।

**ତିର୍ତ୍ତୋଲ ପ୍ରେସ୍ କ୍ଲବ କାର୍ଯ୍ୟକାରିଣୀ ବୈଠକ**

### ସ୍ୱାସ୍ଥ୍ୟକର୍ମୀ ଶକୁନ୍ତଳା ରାଉତଙ୍କ ଶ୍ରଦ୍ଧାଞ୍ଜଳି

ରାଜନଗର, ୧୯।୧୧ (ଭାସ୍କର ରାଉତରାୟ)

ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀ ଶକନ୍ତଳା ରାଉତଙ୍କ ଅକାଳ ବିୟୋଗରେ ମଧପଡାଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ବରଦାକାନ୍ତ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଧାମନଗର ବିଧାୟକ ସୁରଜ ସୂର୍ଯ୍ୟବଂଶୀ, ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ଅତୁଳ ବଳ, କଟକ ସେଣ୍ଟ୍ରାଲ କୋ ଅପରେଟିଭ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତି, ଡା. ପ୍ରଣବ କୁମାର ଶୁକ୍ଳା, ଡା. ଟିଟି ମିଶ୍ର, ଡା. ମନୋରଞ୍ଜନ ନାଥ, ଅଧ୍ୟାପିକା ଭଗବତୀ ରାଉତ, ସାମାଜିକ କର୍ମୀ କୈଳାସ ଚନ୍ଦ୍ର ମହାନ୍ତି, ରାଧେ ରାଉତରାୟ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ, ବିଜୟ ନାୟକ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, ରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଭିମନ୍ୟୁ ରାଉତଙ୍କ ସମେତ ପରିବାର ଲୋକେ ପରିଚାଳନା କରିଥିଲେ।

# ଖୋଲାରେ ମଳତ୍ୟାଗ ପରିବେଶ ପ୍ରତି ବିପଦ



ବୈଠକରେ ବିଡିଓ ନମିତା ବାରିକ, ପଞ୍ଚାୟତ ଲୋକ ପ୍ରତିନିଧି ଓ ହିତାଧିକାରୀମାନେ।

ରଘୁନାଥପୁର, ୧୯।୧୧ (ରାଜେନ୍ଦ୍ର ନାରାୟଣ ସିଂହ)

**ବିଶ୍ୱ ପାଇଖାନା ଦିବସ ପାଳିତ**

ରଘୁନାଥପୁର ବ୍ଲକ ସଭା କକ୍ଷରେ ରବିବାର ବିଶ୍ୱ ପାଇଖାନା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ବୈଠକରେ ବିଡିଓ ନମିତା ବାରିକ ଅଧ୍ୟକ୍ଷତା କରିଥିଲେ। ପ୍ରତ୍ୟେକ ପରିବାର ପାଇଖାନା ବ୍ୟବହାର କରି ଶରୀରକୁ ସୁସ୍ଥ ରଖିବା ପାଇଁ ବିଡିଓ ବାରିକ ପରାମର୍ଶ ଦେବା ସହ ଖୋଲାରେ ମଳତ୍ୟାଗ ପରିବେଶ ପ୍ରତି ବିପଦ ବୋଲି ସେ କହିଥିଲେ। ଏଥିପାଇଁ ପଞ୍ଚାୟତର ଜନପ୍ରତିନିଧିମାନେ ନିଜ ଅଞ୍ଚଳରେ ସଚେତନତା ସୃଷ୍ଟି କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏଥିସହ ପାଇଖାନା ନ ଥିବା ପରିବାରଗୁଡ଼ିକୁ ଚିହ୍ନଟ କରି ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ବାରିକ ଉପସ୍ଥିତ ସରପଞ୍ଚମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କେତେ ହିତାଧିକାରୀଙ୍କୁ ପାଇଖାନା ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସରପଞ୍ଚ ଜୟନ୍ତୀ ଦାସ, ସୁଷମା ମଲ୍ଲିକ, ମନୋଜିନୀ ସାହୁ, ବଟକୃଷ୍ଣ ନାୟକ, ମମତା ଦାସ, ପ୍ରଭାସିନୀ ପ୍ରଧାନ ଓ ଅମିତା ଖୁଣ୍ଟିଆଙ୍କ ସହ ବହୁ ହିତାଧିକାରୀ ଏହି ଅବସରରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଆରସି ଇତିସ୍ମିତା ବିଶ୍ୱାଳ ପରିଚାଳନା କରିଥିବାବେଳେ କର୍ମଚାରୀ ଅଶୋକ ସ୍ୱାଇଁ ଓ ପ୍ରମୋଦ ମଲ୍ଲିକ ସହଯୋଗ କରିଥିଲେ।

### ଘର ପୋଡ଼ି ବିପନ୍ନଙ୍କୁ ସହାୟତା

ଛଡିଆ, ୧୯।୧୧ (ସୌମ୍ୟ ରଞ୍ଜନ ସାହୁ)

ବଡ଼ଚଣା ବ୍ଲକ ଚଣ୍ଡିତଳ ଗ୍ରାମର ସର୍ବେଶ୍ୱର ଦଳାଇଙ୍କ ୬ ବଖରା ଘର ଜଳି ପାଉଁଶ ହୋଇଯାଇଛି। ଫଳରେ ତାଙ୍କ ପରିବାର ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ଏକଥା ଜାଣିବା ପରେ ବହୁ ତାଙ୍କୁ ସଂଗଠନ ସହାୟତାର ହାତ ବଢ଼ାଇଛନ୍ତି। ଏହିକ୍ରମରେ ରବିବାର ମାନବ ସେବା ହିଁ ମାଧବ ସେବା ସଂଗଠନ ପକ୍ଷରୁ ସର୍ବେଶ୍ୱରଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ସଂଗଠନର ସଦସ୍ୟ ନାରାୟଣ ପ୍ରସାଦ ସାହୁ, ଜୟଦେବ ପ୍ରହରାଜ, ଦିଲୀପ ଅଞ୍ଚଳ, ପ୍ରମୋଦ ନାୟକ ପ୍ରମୁଖ ଉକ୍ତ ପରିବାରକୁ ଭେଟି ସହାୟତା ଯୋଗାଇ ଦେଇଛନ୍ତି।

# ୪୦ ବୃଦ୍ଧାବୃଦ୍ଧଙ୍କୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରାଇଲେ ସାମାଜିକ କର୍ମୀ

ରାଜନଗର, ୧୯।୧୧ (ଭାସ୍କର ରାଉତରାୟ)

ରାଜନଗର ଗାଁର ଯୁବ ସାମାଜିକ କର୍ମୀ ନିଜ ଖର୍ଚ୍ଚରେ ଗାଁର ୪୦ଜଣ ବୃଦ୍ଧାବୃଦ୍ଧଙ୍କୁ ନେଇ ପୁରୀରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରାଇଛନ୍ତି। ଗାଁର ଯୁବ ସାମାଜିକ କର୍ମୀ ବାବାଜୀ ମିଶ୍ର ଓ ପଣ୍ଡିତ ଶଙ୍କର୍ଷଣ ମିଶ୍ର ତାଙ୍କ ଜେଜ ସ୍ୱର୍ଗତ ଚିନ୍ତାମଣି ମିଶ୍ରଙ୍କ ସ୍ମୃତିରେ ପବିତ୍ର କାର୍ତ୍ତିକ ମାସରେ ବୃଦ୍ଧାବୃଦ୍ଧମାନଙ୍କୁ ପୁରୀର ଶ୍ରୀଜଗନ୍ନାଥଙ୍କ ଦର୍ଶନ କରାଇଛନ୍ତି। ଶନିବାର ରାତି ୧୦ଟାରେ ରାଜନଗରର ଦଧିବାମନଜୀଉଙ୍କ ମନ୍ଦିର ନିକଟରୁ ବୃଦ୍ଧାବୃଦ୍ଧମାନଙ୍କ ସହ ୧୦ଜଣ ସ୍ୱେଚ୍ଛାସେବୀ ଏକ ବସ୍ ଯୋଗେ ପୁରୀ ଯାଇଥିଲେ। ରବିବାର ସକାଳେ ପୁରୀରେ ପହଞ୍ଚିବା ପରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହ ମନ୍ଦିର ବେଢା ଓ ବାହାର ପରିକ୍ରମା କରିଥିଲେ। ବୃଦ୍ଧାବୃଦ୍ଧମାନେ ପୁରୀ ସମୁଦ୍ର କୂଳ ବୁଲିବା ସହ ଆଖ ପାଖରେ ଥିବା ମଠ ମନ୍ଦିର ଦର୍ଶନ କରିଥିଲେ। ପୁରୀରୁ ଫେରି ପାହାଳ ନିକଟରେ ଥିବା ଓଁକାରେଶ୍ୱର ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରି ଘରେ ପହଞ୍ଚିଛନ୍ତି। ରାଜନଗର ଗାଁର ବାସୁଦେବ ମଳିକ (୭୦), ନାରାୟଣ ସାହୁ (୭୫), କାଙ୍ଗାଳି ଚରଣ ସାହୁ (୭୫), ନୃସିଂହ ଚରଣ ସାହୁ (୭୦), ଶିବରାମ ମଳିକ, ଅଜାମ୍ବର ମଳିକ, ବୀର କିଶୋର ମଳିକ, ଫକୀର ମଳିକ ପ୍ରମୁଖ ୪୦ଜଣ ବୃଦ୍ଧାବୃଦ୍ଧ ଯାଇଥିଲେ।

### ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟସେବା ଶିବିର

ରାହାମା, ୧୯।୧୧ (ଶ୍ରୀକାନ୍ତ ଦାସ)

କୁଜଙ୍ଗ ବ୍ଲକ ଅଧୀନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତାଳପଡ଼ା ରାହାମାର ରଜତ ଜୟନ୍ତୀ ବର୍ଷ ପାଳନ ଅବସରରେ ଏକ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛ। ଶିବିରକୁ ପୂର୍ବତନ ଏମ୍‌ପି ତଥା ବରିଷ୍ଠ ଡାକ୍ତର କୁଳମଣି ସାମଲ ଉଦ୍‌ଘାଟନ କରିଥିଲେ। ନିଷ୍ପାପର ମାନବ ସେବାହିଁ ପ୍ରକୃତରେ ଜଣେ ଡାକ୍ତରଙ୍କୁ ମାନସିକ ଓ ଆତ୍ମଶାନ୍ତି ପ୍ରଦାନ କରିଥାଏ ବୋଲି ସାମଲ ତାଙ୍କ ବକ୍ତବ୍ୟରେ କହିଥିଲେ। ଶିବିରରେ ବିଦ୍ୟାଳୟର ସଭାପତି ଅଜୟ କୁମାର ସାହୁ, ଉପସଭାପତି ଦେବେନ୍ଦ୍ର ବିଶ୍ୱାଳ, ସମ୍ପାଦକ ଦୀପକ କୁମାର ଦାସ, ଯୁଗ୍ମ ସମ୍ପାଦକ ପ୍ରତାପ ବେଉରା, କୋଷାଧ୍ୟକ୍ଷ ମୃତ୍ୟୁଞ୍ଜୟ ପରିଡା, ରଜତ ଜୟନ୍ତୀ ଉତ୍ସବର କୋଷାଧ୍ୟକ୍ଷ ଭିକାରି ଚରଣ ସେନାପତି, ସମ୍ପାଦକ କାହ୍ନୁ ଚରଣ ସାହୁ, ପ୍ରଦୀପ ବେଉରା, ଶିକ୍ଷା ବିକାଶ ସମିତି ଜିଲା ନିରୀକ୍ଷକ ପ୍ରଶାନ୍ତ ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ କୁମାର ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଭେଷଜ, ଅସ୍ଥିଶଲ୍ୟ, ଫିଜିଓ ଥେରାପି, ଚର୍ମ, ଦାନ୍ତ, ଆୟୁର୍ବେଦ ଓ ଇସିଜି ଆଦି ବିଭାଗର ଡାକ୍ତର ଯୋଗଦେଇ ରୋଗୀଙ୍କୁ ନିଃଶୁଳ୍କ ଔଷଧ ଓ ସେବା ଯୋଗାଇ ଦେଇଥିଲେ। ଶିବିରରେ ୪୫୦ରୁ ଊର୍ଦ୍ଧ୍ୱ ରୋଗୀ ସାମିଲ ହୋଇଥିଲେ।

# ରାଜନୀତି ବିଜ୍ଞାନ ସମ୍ମାନ ବିଭାଗର ପାଠଚକ୍ର

ରାଜକନିକା, ୧୯।୧୧ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଓଳାଭର ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ସମ୍ମାନ ବିଭାଗ ପକ୍ଷରୁ ସାମ୍ପ୍ରତିକ ରାଜନୀତିରେ ଓଡ଼ିଶାର ନାରୀମାନଙ୍କ ଭୂମିକାକୁ ନେଇ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ହଳଧର ବେହେରାଙ୍କ ସଭାପତିତ୍ୱରେ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧ୍ୟାପକ ରବୀନ୍ଦ୍ର କୁମାର ସେନାପତି ପାଠଚକ୍ରକୁ ସଂଯୋଜନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ବେହେରା ପାଠଚକ୍ରର ଉଦ୍ଦେଶ୍ୟ ଓ ଓଡ଼ିଶା ରାଜନୀତିରେ ନାରୀମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ରିସୋର୍ସ ପର୍ସନ ଭାବେ ଆଳି ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧ୍ୟାପକ ବିକ୍ରମ କୁମାର ବେହେରା ଯୋଗଦେଇ ଗଣତାନ୍ତ୍ରିକ ସରକାରୀ ବ୍ୟବସ୍ଥାରେ ନାରୀମାନଙ୍କ ଭୂମିକା, ଐତିହାସିକ ପୃଷ୍ଠଭୂମି, ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ନାରୀଙ୍କ ଭୂମିକା, ନାରୀ ସଂରକ୍ଷଣ ବିଲ୍, ପଞ୍ଚାୟତିରାଜ ସଂସ୍କାର ଓ ନାରୀ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନାରୀମାନଙ୍କୁ ପ୍ରାଧାନ୍ୟ ଦେଇ ପ୍ରତିନିଧି ପାଇଁ ଆଗଭର କରାଇ ଲୋକ ସଭା ଓ ରାଜ୍ୟ ସଭାରେ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ଉପସ୍ଥିତ ଛାତ୍ରୀଛାତ୍ରଙ୍କ ନିଜର ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଧରିତ୍ରୀ ରାଉତ, ଅଧ୍ୟାପିକା ପ୍ରଜ୍ଞାପାରମିତା ଦାସ ପ୍ରମୁଖ ସନ୍ଦର୍ଭ ପାଠ କରିଥିଲେ। ଉପସ୍ଥିତ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୦ ଜଣ ବିଷୟ ପାଠ କରିଥିଲେ।




ପାଠଚକ୍ରରେ ଯୋଗ ଦେଇଥିବା ଅତିଥିମାନେ।

# 'ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ରାଜ୍ୟ ପାଇଁ ବରଦାନ'

ଜଗତ୍‌ସିଂହପୁର, ୧୯।୧୧ (ପ୍ରମୋଦ କୁମାର ନାୟକ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ଅହରହ କାମ କରି ଚାଲିଛନ୍ତି । ମା'ମାନଙ୍କ ଲାଗି ଏସ୍‌ଏଚ୍‌ଜି ମାଧ୍ୟମରେ ବିନା ସୁଧରେ ଋଣ ଦେବା ବ୍ୟବସ୍ଥା କରିଛନ୍ତି । ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲଠାରୁ କଲେଜ ପର୍ଯ୍ୟନ୍ତ ମୋ ସ୍କୁଲ ଅଭିଯାନ ଓ ମୋ କଲେଜ ଅଭିଯାନ ସହ ୫-ଟି ଯୋଜନାରେ ସ୍ମାର୍ଟ ଶିକ୍ଷାନୁଷ୍ଠାନ ଅର୍ଥାତ୍ ଇ-କ୍ଲାସରୁମ୍, ଇ-ଲାଇବ୍ରେରି ଆଦି କରାଇ ଶିକ୍ଷାର ବିକାଶ ପାଇଁ ଉଦ୍ୟମ ଜାରି ରଖିଛନ୍ତି। ସାଧାରଣ ଜନତାଙ୍କ ଆବଶ୍ୟକତା ୫-ଟି ମାଧ୍ୟମରେ ପୂରଣ କରାଯାଇ ପାରୁଛି। ମୁଖ୍ୟମନ୍ତ୍ରୀଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ରାଜ୍ୟ ପାଇଁ ବରଦାନ । ତେଣୁ ପ୍ରତି ପରିବାରକୁ ବିଜେଡିରେ ସାମିଲ କରି ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବାକୁ ହେବ। ରବିବାର ଜଗତ୍‌ସିଂହପୁର ବ୍ଲକ ସମଙ୍ଗ ପଞ୍ଚାୟତ ଅଧୀନ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ସ୍ମୃତି ପରିଷଦ ପ୍ରାଙ୍ଗଣରେ ବିଜେଡି ପକ୍ଷରୁ ଅନୁଷ୍ଠିତ ପରିବାର ସମ୍ପର୍କ ଅଭିଯାନ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୂର୍ବତନ ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ତଥା ବିଜେଡିର ପୂର୍ବତନ ଜଗତ୍‌ସିଂହପୁର ଜିଲା ସଭାପତି ଅମରେନ୍ଦ୍ର ଦାସ ଏହା କହିଛନ୍ତି । ଏହି କାର୍ଯ୍ୟକ୍ରମ ବିଶେଷକରି ସମଙ୍ଗ, ପଳାଶୋଳ ଓ ଅୟର ପଞ୍ଚାୟତର ବିଜେଡି କର୍ମୀ ତଥା ଯୁବ, ଛାତ୍ର ଓ ମହିଳାମାନଙ୍କୁ ନେଇ କରାଯାଇଥିଲା। ଅବସରପ୍ରାପ୍ତ ସେନା କର୍ମଚାରୀ ତରୁଣ କୁମାର ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟବକ୍ତାଭାବେ ପୂର୍ବତନ ଜଗତ୍‌ସିଂହପୁର ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଦେବୀଦତ୍ତ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ଶୁଭ୍ରକାନ୍ତ ଜେନା, ଯୁଧିଷ୍ଠିର ସ୍ୱାଇଁ, ସେକ ରକିବଉଦ୍ଦିନ, ପୂର୍ବତନ ସମଙ୍ଗ ସମିତି ସଭ୍ୟ ବିନୋଦ କୁମାର ତରାଇ, ପୂର୍ବତନ ପଳାଶୋଳ ସରପଞ୍ଚ ସୁଲୋଚନା ଦାସ, କଳ୍ପନା ମହାନ୍ତି, ସୁଶାନ୍ତ କୁମାର ସ୍ୱାଇଁ ଓ ତିର୍ତ୍ତୋଲ ବ୍ଲକ ବିଜୁ ଛାତ୍ର ଜନତା ଦଳ ସଭାପତି ଶୁଭକାନ୍ତ ଜେନା ପ୍ରମୁଖ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ବିଦ୍ୟୁ ଭୂଷଣ ତ୍ରିପାଠୀ, ନାଉଗାଁ ପୂର୍ବତନ ଛାତ୍ର ସଂସଦ ସଭାପତି ତାପସ ଦାସ, ବିଦୁର ନାୟକ, ବିଷ୍ଣୁ ଚରଣ ଦାସ, ଫିରୋଜ ଖାଁ, ସମଙ୍ଗର ଗୋଲେଖ ମହାରଣା, ସମୀର ପଟ୍ଟନାୟକ, ଅୟରର କ୍ଷେତ୍ରମୋହନ ନାୟକ ଓ ୩ ପଞ୍ଚାୟତର ସହସ୍ରାଧିକ କର୍ମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ନାଉଗାଁ ବ୍ଲକ ଗଳଧାରୀ ପଞ୍ଚାୟତର ଅଭୟ କୁମାର ସ୍ୱାଇଁ, ବିପିନା ନାୟକ, ଶୈଳେନ୍ଦ୍ର ନାୟକ, ଉଲ୍ଲାସ ବାରିକ, ସାଇରାମ ନାୟକ, ଦେବେନ୍ଦ୍ର ମଲ୍ଲିକ, ବିବେକାନନ୍ଦ ମଲ୍ଲିକ ଓ ନିରାକାର ମଲ୍ଲିକ ପ୍ରମୁଖ ବିଜେଡି ନେତା ଅମରେନ୍ଦ୍ରଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ବିଜେଡିରେ ସାମିଲ ହୋଇଥିଲେ।




ପରିବାର ସମ୍ପର୍କ ଅଭିଯାନ ସଭାରେ ଯୋଗ ଦେଇଥିବା ବିଜେଡି ନେତୃମଣ୍ଡଳୀ।

**ବିଜେଡି ପକ୍ଷରୁ ପରିବାର ସମ୍ପର୍କ ଅଭିଯାନ ସଭା**

## ସଂକ୍ଷେପରେ

### ଓଡ୍ର ଖଣ୍ଡାୟତ କାଳଞ୍ଜି କୁଳର ନୂତନ କର୍ମକର୍ତ୍ତା

ଭଞ୍ଜନଗର,୧୯।୧୧(ବାବୁଲା ପ୍ରଧାନ)

ରବିବାର କଇଣ୍ଡି ଚନ୍ଦ୍ରକଳ୍ପେଶ୍ୱର ମନ୍ଦିର ପରିସରରେ ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜର ଏକ ବୈଠକ ହୋଇଥିଲା। ଏଥିରେ ନୂତନ କର୍ମକର୍ତା ନିର୍ବାଚନ ହୋଇଥିଲା । ଏଥିରେ ସଭାପତି ଭାବେ ଆଇନଜୀବୀ ବାଳକୃଷ୍ଣ ପୋଲେଇ ନିର୍ବାଚିତ ହୋଇଛନ୍ତି । ସନ୍ତୋଷ ସ୍ୱାଇଁ ଉପ ସଭାପତି,ସମ୍ପାଦକ ନାରାୟଣ ପ୍ରଧାନ ମନୋନୀତ ହୋଇଛନ୍ତି । ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମ ସୁନ୍ଦର ରଣସିଂହ, ବିଭୁତି ଜେନା, ସୁବାସ ତାରିଣୀ, କିଶୋର ସ୍ୱାଇଁ, ଜୟନ୍ଦ୍ର ସ୍ୱାଇଁ, ସୂର୍ଯ୍ୟ ଭୁୟାଁ, ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

### ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ଛତ୍ରପୁର, ୧୯।୧୧(ଦିଲ୍ଲୀପ ସାମଲ)

ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଦୁଇ ଦିନିଆ କ୍ରୀଡା ଉତ୍ସବ ସ୍ଥାନୀୟ ଷ୍ଟାଡିୟମଠାରେ ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ସସ୍ମିତା ସାମନ୍ତରାୟ ଅଧକ୍ଷତା କରିଥିଲେ। ରାମଚନ୍ଦ୍ର ମର୍ଦ୍ଦରାଜ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ବରିଷ୍ଠ ପ୍ରାଧାପକ ଡଃ ବିମଳ ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ କ୍ରୀଡା କ୍ଷେତ୍ରରେ ଅଧିକରୁ ଅଧିକ ଯୋଗଦାନ କରିବା ପାଇଁ ଉତ୍ସାହିତ କରିଥିଲେ। ୧୦୦ମିଟର ଦୌଡ ପ୍ରତିଯୋଗିତାକୁ ପତାକା ଦେଖାଇ ଆନୁଷ୍ଠାନିକ ଭାବେ କ୍ରୀଡା କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ପ୍ରତିଯୋଗିତାଗୁଡିକୁ ପରିଚାଳନା କରିବା ନିମନ୍ତେ ରାମଚନ୍ଦ୍ର ମର୍ଦ୍ଦରାଜ ମହାବିଦ୍ୟାଳୟ ଖଲିକୋଟର ଟି. ଶିବାନନ୍ଦ ବର୍ମା, ନୋଡାଲ ଅଫିସର ଅଧାପିକା ମିନତୀ ମହାପାତ୍ର, କ୍ରିଡ଼ା ଦାୟିତ୍ୱରେ ଥିବା ଅଧାପିକା ପ୍ରମିତା ଚୌଧୁରୀ ଓ ଅନୁଷ୍ଠାନର ସମସ୍ତ ଅଧାପିକା ଓ କର୍ମଚାରୀ ସହଯୋଗ କରିଥିଲେ ।

### ରାଜ୍ୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ଚାନ୍ଦିପୁଟ,୧୯।୧୧

(କେ. ପ୍ରମୋଦ କୁମାର ଦୋରା)– ଚାନ୍ଦିପୁଟ ଲାଲ୍ ବାହାଦୁର ହାଇସ୍କୁଲ୍ ପ୍ରାଙ୍ଗଣରେ ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନର ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ସାଂସ୍କୃତିକ ରାଜ୍ୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନର ଜିଲା ମୁଖ୍ୟ ତରଣୀସେନ୍ ଦାଶ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଇନ୍ଦିରା ମେମୋରିଆଲ ଜୁନିୟର କଲେଜର ପୂର୍ବତନ ଅଧକ୍ଷ ଡ. କିଶୋର ଚନ୍ଦ୍ର ସାହୁ ଏବଂ ମୋହନାର ରତ୍ନ ବିଶିଷ୍ଟ ଶିକ୍ଷାବିତ୍ ମଧୁସୂଦନ ପାଢ଼ୀ ଉପସ୍ଥିତ ଥିଲେ। ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ ମୋହନା ଶିଶୁ ମନ୍ଦିର, ଚାନ୍ଦିପୁଟ ଶିଶୁ ମନ୍ଦିର ସମେତ ଆଖପାଖ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତିଯୋଗିତାକୁ ରେଡ୍‌କ୍ରସର ଡିଷ୍ଟ୍ରିକ୍ଟ୍ କୋର୍ଡିନେଟର ପ୍ରଦୀପ୍ତ କୁମାର ଷଡ଼ଙ୍ଗୀ ପରିଚାଳନା କରିଥିଲେ।

### ଦୁଇ ବାଇକ୍ ମୁହାଁମୁହିଁ: ଜଣେ ମୃତ, ୨ ଗୁରୁତର

ରାୟଗଡ(ଗଜପତି) ୧୯।୧୧
(ଜ୍ୟୋତିପ୍ରସାଦ ପାଣି)

ଗଜପତି ଜିଲା ରାୟଗଡ ଥାନା ଅଧିନ ହାତୀବାଡି ନିକଟସ୍ଥ କେନ୍ଦୁ ଘାଟିଠାରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇ ଜଣଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ୨ ଜଣ ଗୁରୁତର ହୋଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ନୂଆଗଡ ବ୍ଲକ ରା.ଉଦୟଗିରି ଥାନା ଅଧିନ ଜୁମୁକୁଲି ଗ୍ରାମର ସୁରେନ୍ଦ୍ର ରଇତ(୩୮) ଏବଂ ତାଙ୍କ ସମ୍ପର୍କୀୟ ଭାଇ ଜିସିୟ ରଇତ ଗୁମ୍ମା ବ୍ଲକ ଅଧିନ କୁଜାସିଂ ଗ୍ରାମକୁ କୌଣସି ଏକ କାମରେ ବାଇକ ଯୋଗେ ଯାଉଥିବା ବେଳେ ବିପରୀତ ଦିଗରୁ ସେରଙ୍ଗ ଥାନା ଅଧିନ ନୂଆଗଡ ଠାରେ ଗ୍ୟାରେଜ କରିଥିବା ଗଞ୍ଜାମ ଜିଲା ଆସ୍କା ସହରର ବିଦେଶୀ ସେଠି ବାଇକ ଯୋଗେ ଆସୁଥିବାବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ସୁରେନ୍ଦ୍ର ରଇତଙ୍କ ମୃତ୍ୟୁ ହୋଇଯାଇଥିବାବେଳେ ରାୟଗଡ ପୋଲିସ ଖବର ପାଇ ଗୁରୁତର ଜିସିୟ ରଇତଙ୍କୁ ରାୟଗଡ ମେଡିକାଲ ଏବଂ ବିଦେଶୀ ସେଠିଙ୍କୁ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଇଥିବା ଜଣାପଡିଛି।

# କାଳୀ ମେଢ଼ ଭସାଣିରେ ଅଘୋରୀ ନୃତ୍ୟ

**ନୟାଗଡ଼,୧୯।୧୧(ଲୋକନାଥ ମିଶ୍ର):** ନୟାଗଡ଼ ପୁରୁଣା ସହରର ସାଗର ପୋଖରୀ କୂଳ ଏନ୍‌ଏସି ହାଇସ୍କୁଲ ପାଖରେ ଅନୁଷ୍ଠିତ କାଳୀମେଢ଼ର ରବିବାର ରାତିରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଭସାଣିରେ ଖୋର୍ଦ୍ଧା କୁହୁଡିର ଅଘୋରୀ ନୃତ୍ୟ ମନ ମୋହିଥିଲା । ଅଘୋରି ବାବାଙ୍କ ତନ୍ତ୍ର ସାଧନା ଓ ନୃତ୍ୟ ଦେଖିବାକୁ ଭିଡ଼ ଜମିଥିଲା । ସେହିପରି ଗଞ୍ଜାମର ଦଶଅବତାର ଅନ୍ୟତମ ଆକର୍ଷଣ ଥିଲା । କାଳୀ ମେଢ଼ ନୟାଗଡ଼ ସହର ପରିକ୍ରମା କରିଥିଲା । ଭସାଣୀରେ ନୃତ୍ୟ ଦେଖିବାକୁ ବହୁ ଲୋକଙ୍କ ସମାଗମ ହୋଇଥିଲା ।





ମା' କାଳୀଙ୍କୁ ଭସାଣି ପାଇଁ ଶୋଭାଯାତ୍ରାରେ ନିଆଯାଉଛି।





ଶୋଭାଯାତ୍ରାରେ ସାମିଲ ଦଶ ଅବତାର ଓ ଅଘୋରୀ ନୃତ୍ୟ

## ଜିଲାସ୍ତରୀୟ ଗୋ'ସମ୍ବର୍ଦ୍ଧନା ସପ୍ତାହ ପାଳିତ



ଗୋ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପାରଳାଖେମୁଣ୍ଡି,୧୯।୧୧(ଗିରିଧାରୀ ପରିଛା)

ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ପରିସରରେ ୭୨ତମ ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସୁରେଶ କୁମାର ପଟ୍ଟନାୟକ, ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା, ସୁଶାନ୍ତ ରଞ୍ଜନ ଦାସ, ଉପନିର୍ଦ୍ଦେଶକ, ଉଦ୍ୟାନ ବିଭାଗ, ହୃଷିକେଶ ଗୌଡ଼, ସଭାପତି, ଉତ୍କଳ ଗୋ ମଙ୍ଗଳ ବିକାଶ ପରିଷଦ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଡ଼.କଲ୍ୟାଣୀ ମିଶ୍ର ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗୋ ସମ୍ବର୍ଦ୍ଧନା ଉତ୍ସବର ସଭାପତି ତଥା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ଧର୍ମାନନ୍ଦ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗୋ ପୂଜନର ପ୍ରାସଙ୍ଗିକତା ଏବଂ ଗୋ ସମ୍ପଦ ଦ୍ୱାରା ଚାଷୀମାନଙ୍କର ଆର୍ଥିକ ଉନ୍ନତି ସମ୍ପର୍କରେ ଜିଲାପାଳ ଅଭିଭାଷଣ ରଖିଥିଲେ। ମୁଖ୍ୟବକ୍ତା ଡ.କଲ୍ୟାଣୀ ମିଶ୍ର ଗୋ ସମ୍ବର୍ଦ୍ଧନାର ପୃଷ୍ଠଭୂମି, ମହତ୍ୱ ଏବଂ ସମାଜରେ ଗୋପାଳନର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଡ. ବିଦ୍ୟୁତ ଶେଖର ମିଶ୍ର, ଡ଼ା. ଶ୍ରୀକାନ୍ତ ଖଟୁଆ ଓ ମୃତ୍ୟୁଞ୍ଜୟ ଦାଶ ଗୋ ସମ୍ବର୍ଦ୍ଧନା ସମ୍ପର୍କରେ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରାଣୀ ଚିକିତ୍ସକ ଡା. ଲିମା ମହାନ୍ତି ସଭା ପରିଚାଳନା କରିଥିବା ବେଳେ ଉପଖଣ୍ଡ ପ୍ରାଣୀ ଚିକିତ୍ସକ ଡ଼ା.ରମାକାନ୍ତ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଜିଲାରେ ଭଲ ଗୋ'ଚାଷୀ ଭାବେ କେରାଣ୍ଡି ଗ୍ରାମ ପଞ୍ଚାୟତର ଭଗବାନ ପାତ୍ର, ପାରଳାଖେମୁଣ୍ଡିର ପ୍ରଶାନ୍ତ ପାତ୍ର, ଗୁରାଣ୍ଡିର ରଞ୍ଜିତ ଦଳେଇ, ସେହିପରି ବାଛୁରୀ ପାଳନ କ୍ଷେତ୍ରରେ କୃଷ୍ଣ ବେହେରା ଓ କେ.ରାମା ରାଜୁଙ୍କୁ ପୁରସ୍କୃତ କରାଯାଇଥିଲା।

## ପୁରାତନ ଛାତ୍ର ସଂସଦର ବୈଠକ

ଛତ୍ରପୁର,୧୯।୧୧
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣାପଲ୍ଲୀ ନୀଳକଣ୍ଠେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାପୀଠରେ ପୁରାତନ ଛାତ୍ର ସଂସଦର ଏକ ସାଧାରଣ ବୈଠକ ସଭାପତି ଗଦାଧର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂପାଦକ ତଥା ବିଦ୍ୟାଳୟର ପ୍ରାକ୍ତନ ରାଜ୍ୟ ପୁରସ୍କାରପ୍ରାପ୍ତ ସେବା ନିବୃତ୍ତ ପ୍ରଧାନ ଶିକ୍ଷକ କାମରାଜୁ ମହାରଣା ବୈଠକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ୧୯୬୬ରୁ ଆରମ୍ଭ କରି ଏଯାବତ ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସଭାପତି ମନ୍ଦିରର ଉନ୍ନତିକରଣ ପାଇଁ ପ୍ରସ୍ତାବ ରଖିଥିବା ବେଳେ ସଂପାଦକ ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ କରିବା ପାଇଁ ପ୍ରସ୍ତାବ ରଖିଥିଲେ ଏବଂ ଉଭୟ ପ୍ରସ୍ତାବ ସର୍ବସମ୍ମତି ଗ୍ରହଣ କରାଯାଇଥିଲା। ହୀରକ ଜୟନ୍ତୀ ପାଇଁ ଏକ କମିଟି ସଭାପତି ଗଦାଧର ରାଉଳଙ୍କ ଅଧ୍ୟକ୍ଷତାରେ ଏବଂ କାମରାଜୁ ମହାରଣାଙ୍କ ଆବାହକତ୍ୱରେ ଗଠନ କରାଯାଇଥିଲା। ଏହି ସମାବେଶରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀ ନାରାୟଣ ଶତପଥୀ, ବାବୁଚରଣ ଶତପଥୀ, ପ୍ରଫୁଲ୍ଲ ଚନ୍ଦ୍ର ଦାଶ, ସୂର୍ଯ୍ୟ ନାରାୟଣ ବିଷୋୟୀ, ଅନ୍ତର୍ଯ୍ୟାମୀ ଶତପଥୀ, କୈଳାସ ଚନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ସାହୁ ବିପ୍ରଚରଣ ପ୍ରଧାନ, ଗଙ୍ଗାଧର ନାହାକ, ତ୍ରିପତି ପ୍ରଧାନ ପ୍ରକାଶଚନ୍ଦ୍ର ପାଣିଗ୍ରାହୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଶ୍ୟାମାକାଳୀ ପୂଜା ବୁଲିଲେ ଏସ୍‌ପି

ଛତ୍ରପୁର,୧୯।୧୧(ସନ୍ତୋଷ ପାଢ଼ୀ)

ଛତ୍ରପୁର ସହରର ଚଣ୍ଡୀଛକସ୍ଥିତ ମାର୍କେଟ ରୋଡ଼ରେ ଆୟୋଜିତ ଶ୍ୟାମାକାଳୀ ପୂଜା ରବିବାର ଉଦଯାପିତ ହୋଇଯାଇଛି। ଭକ୍ତମାନଙ୍କ ନିମନ୍ତେ ସମସ୍ତଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଆଳତୀ ଦର୍ଶନ କରିବା ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ। ଶନିବାର ସନ୍ଧ୍ୟାରେ ଗଞ୍ଜାମ ଏସପି ଜଗମୋହନ ମୀନା ଉକ୍ତ ଆଧାତ୍ମିକ ସାମାରୋହରେ ଯୋଗଦେଇ ଆୟୋଜନ କମିଟିଙ୍କୁ ସାଧୁବାଦ ଜଣାଇଥିଲେ। ଶ୍ୟାମାକାଳୀ ପୂଜା ଗୋଷ୍ଠୀ କାର୍ଯ୍ୟକ୍ରମରେ ପୁରୋହିତ ମୋତିଲାଲ ଦାସ, ଶଙ୍କର୍ଷଣ ନନ୍ଦ, ସୁଧାସିନ୍ଧୁ ଦାସ, ରାହୁଲ କୁମାର ଦାସ, ସିପକ ତ୍ରିପାଠୀ ପୂଜାରେ କର୍ତ୍ତା ଇପିଲି ରାଜ କୁମାର, ଇପିଲି ପବିତ୍ରା ଏବଂ କମିଟି ସଦସ୍ୟ ଦେବବ୍ରତ ପଣ୍ଡା, ଦୁର୍ଗା ପ୍ରଧାନ, ଶୁଭମ, ଶେଖର, ଦୀପକ, ରାଜେଶ୍ୱର, ଦିନେଶ, ସିପୁ, ବିଲ୍ଲୁ, ରୋହନ, ଗିରିଶ, ଦିପୁ ପ୍ରମୁଖ ସକ୍ରିୟ ସହଯୋଗ କରିଆସୁଛନ୍ତି ।

## ସାମ୍ବିଧାନିକ ଅଧିକାର ହାସଲ ପାଇଁ ଜନମତ ସୃଷ୍ଟି କରାଯିବ

ବ୍ରହ୍ମପୁର,୧୯।୧୧(ସ୍ମୃତି ରଞ୍ଜନ ମହାଲିକ)



ପୂର୍ବତନ ମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

ଦେଶର ସାମ୍ବିଧାନିକ ଅଧିକାରକୁ ହାସଲ କରିବା ପାଇଁ ରାଜ୍ୟର ସମସ୍ତ ଅଞ୍ଚଳରେ ଜନମତ ସୃଷ୍ଟି କରାଯିବ ବୋଲି ରବିବାର ଟାଉନହଲ ଠାରେ ସାମାଜିକ ନ୍ୟାୟ ଅଭିଯାନ, ଓଡ଼ିଶା ପକ୍ଷରୁ ଆୟୋଜିତ ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାମାଜିକ ନ୍ୟାୟର ପ୍ରବକ୍ତା ଶ୍ରୀକାନ୍ତ ଜେନା ଆହ୍ୱାନ ଦେଇଛନ୍ତି। ପୂର୍ବତନ ମନ୍ତ୍ରୀ ହଳଧର କାର୍ଜୀଙ୍କ ଅଧ୍ୟକ୍ଷତାରେ ଏହି ସଭା ହୋଇଥିଲା। ସଭାରେ ସମାଜିକ କର୍ମୀ ରବି ରଥ, ଦଣ୍ଡପାଣି ପାତ୍ର, ବରିଷ୍ଠ ଆଇନଜୀବୀ ରବୀନ୍ଦ୍ରନାଥ ଶର୍ମା ଓ ପ୍ରଦୀପ ଦାସ, ଅକ୍ଷୟ କୁମାର ମଲ୍ଲିକ, ଦତ୍ତାତ୍ରେୟ ବେହେରା, କୁମାର କାର୍ତ୍ତିକେଶ୍ୱର ପ୍ରଧାନ, ବାବୁଲି ବିନ୍ଧାଣୀରା ପ୍ରମୁଖ ମଞ୍ଚାସୀନ ଥିଲେ। ସମାବେଶରେ ଗଞ୍ଜାମ ଓ ଗଜପତି ଜିଲାର ୫୦୦ରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ।

## ପିଲାଙ୍କ ଜାତୀୟ ବିଜ୍ଞାନ କଂଗ୍ରେସରେ ଗଜପତିର ସଫଳତା



ଜାତୀୟ ବିଜ୍ଞାନ କଂଗ୍ରେସରେ ସଫଳତା ଅର୍ଜନ କରିଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

ପାରଳାଖେମୁଣ୍ଡି, ୧୯।୧୧ (ଗିରିଧାରୀ ପରିଛା)

୩୧ତମ ରାଜ୍ୟସ୍ତରୀୟ ପିଲାଙ୍କ ଜାତୀୟ ବିଜ୍ଞାନ କଂଗ୍ରେସରେ ଗଜପତି ଜିଲାର ୫ଟି ପ୍ରକଳ୍ପକୁ ସଫଳତା ମିଳିଛି। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଯାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ପିଲାଙ୍କ ଜାତୀୟ ବିଜ୍ଞାନ କଂଗ୍ରେସର ଏକାଡେମିକ ସଂଯୋଜକ ସାମ୍ବିକ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଓ ସହାୟକ ଶିକ୍ଷୟିତ୍ରୀ କବିତା ରାଉତ ଓ ଶ୍ରାଧମୟୀ ପାଢ଼ୀଙ୍କ ସହୋଯୋଗରେ ଅଂଶଗ୍ରହଣ କରିଥିଲେ। ସେମାନେ ହେଲେ ସରକାରୀ ମହେନ୍ଦ୍ରଗିରି ଉଚ୍ଚବିଦ୍ୟାଳୟର ପପୁନ ମହାରଣା, ସରକାରୀ ଉଚ୍ଚ ବିଦ୍ୟାଳୟ ଯାଜପୁରର ନିରଞ୍ଜନ ପ୍ରଧାନ, ବି ଏମ ଉଚ୍ଚ ବିଦ୍ୟାଳୟ ଖାରଡାର ଏ ଗୌତମୀ, ଏସକେସିଜି ଉଚ୍ଚ ବିଦ୍ୟାଳୟ ଗୁରଣ୍ଡିର ମୁନା ଦୋଲାଇ, ସରସ୍ୱତୀ ଶିଶୁ ମନ୍ଦିର ପାରଳାଖେମୁଣ୍ଡିସ୍ତ ବର୍ଶିତା ଦାସ। ସରସତୀ ଶିଶୁ ବିଦ୍ୟାମନ୍ଦିରର ନବମ ଶ୍ରେଣୀ ଛାତ୍ରୀ ବର୍ଶିତା ଦାସ ଜାତୀୟସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ବିବେଚିତ ହୋଇଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୋଶ କୁମାର ନାୟକ, ବିଜ୍ଞାନ ନୀରିକ୍ଷକ ଏ ରବି କୁମାର, ଶିଶୁ ମନ୍ଦିରର ଗୁରୁ ଆଚାର୍ଯ୍ୟ ସରୋଜ ପଣ୍ଡା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ଅଙ୍କୋରଡ଼ାରେ ମା'ମହୁରୀ କାଳୁଆଯାତ୍ରା ଆରମ୍ଭ

ହିଞ୍ଜିଳିକାଟୁ, ୧୯।୧୧(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ ଅଙ୍କୋରଡ଼ା ଗ୍ରାମରେ ୮ ଦିନ ବ୍ୟାପୀ ମା' ମହୁରୀ କାଳୁଆଙ୍କ ଯାତ୍ରା ରବିବାର ଶୁଭାରମ୍ଭ ହୋଇଛି। ପ୍ରଥମ ଦିବସ ମା'ଙ୍କ ଆଗମନ ପରେ ଶାଳା ସଂସ୍କାର ପରେ ମା'ଙ୍କୁ ଗ୍ରାମର ଅସ୍ଥାୟୀ ମନ୍ଦିରରେ ଅବସ୍ଥାନ କରାଯାଇଥିଲା। ଯାତ୍ରା ପାଇଁ ଗ୍ରାମକୁ ରଙ୍ଗ ବେରଙ୍ଗ ପତାକା ସାଙ୍ଗକୁ ଆଲୋକମାଳା ଓ ତୋରଣରେ ସୁସଜ୍ଜିତ କରାଯାଇଛି। ପ୍ରତ୍ୟେକ ଘର ସମ୍ମୁଖରେ ପୂର୍ଣ୍ଣକୁମ୍ଭ ସ୍ଥାପନ ସହ ସନ୍ଧ୍ୟାରେ ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ ପୂର୍ବକ ମା'ଙ୍କୁ ସ୍ୱାଗତ କରାଯାଇଥିଲା। ବିଭିନ୍ନ ବାଦ୍ୟ ବାଜଣା, ଘଣ୍ଟ, କାହାଳୀର ତାଳେ ତାଳେ ମା' ମହୁରୀକାଳୁଆଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ମଙ୍ଗଳବାରଠାରୁ ଅଧିବାସ ଓ ୨୪ ପ୍ରହର ନାମଯଜ୍ଞ ହୋଇଥିଲା। ୨୪ ତାରିଖରେ ନାମଯଜ୍ଞ ପୂର୍ଣ୍ଣାହୁତି ଓ ଅନ୍ତଯଜ୍ଞ, ୨୫ ତାରିଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ୨୬ ତାରିଖରେ ମା'ଙ୍କୁ ନଗର ପରିକ୍ରମା ପରେ ମେଲାଣି ଦିଆଯିବ ବୋଲି ଯାତ୍ରା କମିଟି ପକ୍ଷରୁ ସୂଚନା ମିଳିଛି। ଯାତ୍ରା ପରିଚାଳନା କମିଟି ସଭାପତି ନିଳମଣୀ ପଟ୍ଟନାୟକ, କମିଟି ବୃନ୍ଦ ସୁନିଲ ନାହାକ, ପ୍ୟାରୀମୋହନ ପାଢୀ, କିରଣ ନାହାକ, ପୌରପରିଷଦ ଅଧ୍ୟକ୍ଷ ସୁବାସ ପଲେଇ, ଯୁଧିଷ୍ଠିର ସ୍ୱାଇଁ, ଯୋଗିନ୍ଦ୍ର ଖାଡ଼ଙ୍ଗା, ସନାତନ ନାହାକ, କିରଣ ପଟ୍ଟନାୟକ, କୃଷ୍ଣ ସାହୁ, ବିଜୟ ନାହାକ, ରାଜାରାମ ସ୍ୱାଇଁ, ସଞ୍ଜୟ କୁମାର ସ୍ୱାଇଁ, ପିଙ୍କୁ ନାହାକ, ରବିନ୍ଦ୍ର ପଣ୍ଡାଙ୍କ ସମେତ ଗ୍ରାମ୍ୟ କମିଟି, ପୂଜା କମିଟି, ଯାତ୍ରା ପରିଚାଳନା କମିଟି କର୍ମକର୍ତ୍ତା, ସଦସ୍ୟ ଓ ଗ୍ରାମର ବହୁ ମହିଳା ଓ ପୁରୁଷ ଭକ୍ତ ମା'ଙ୍କ ଘଟ ପରିକ୍ରମା ସମୟରେ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ସକାଶେ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀନିବାସ ସେଠିଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।



ମା' ମହୁରୀକାଳୁଆଙ୍କୁ ଗ୍ରାମ ପରିକ୍ରମା କରାଯାଉଛି।

## ସଂକ୍ଷେପରେ

### ଘର ପୋଡ଼ି ବିପନ୍ନଙ୍କୁ ସହାୟତା

ଛତିଆ,୧୯।୧୧(ସୌମ୍ୟ ରଞ୍ଜନ ସାହୁ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିତଳ ଗ୍ରାମର ସର୍ବେଶ୍ୱର ଦଳାଇଙ୍କ ୬ ବଖରା ଘର ଜଳି ପାଉଁଶ ହୋଇଯାଇଛି। ଫଳରେ ତାଙ୍କ ପରିବାର ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ଏକଥା ଜାଣିବା ପରେ ବହୁ ତାଙ୍କୁ ସଂଗଠନ ସହାୟତାର ହାତ ବଢ଼ାଇଛନ୍ତି। ଏହିକ୍ରମରେ ରବିବାର ମାନବ ସେବା ହିଁ ମାଧବ ସେବା ସଂଗଠନ ପକ୍ଷରୁ ସର୍ବେଶ୍ୱରଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ସଂଗଠନର ସଦସ୍ୟ ନାରାୟଣ ପ୍ରସାଦ ସାହୁ, ଜୟଦେବ ପ୍ରହରାଜ, ଦିଲୀପ ଅଞ୍ଚଳ, ବିଜୟ କୁମାର ରଣା, ଅନୁପମା ସାମଲ, ସୁଶାନ୍ତ ଦାସ, କମଳାକାନ୍ତ ଷେଣ୍ଢେ, ରାଜେଶ ପ୍ରଧାନ, ପ୍ରମୋଦ ନାୟକ ପ୍ରମୁଖ ଉକ୍ତ ପରିବାରକୁ ଭେଟି ସହାୟତା ଯୋଗାଇ ଦେଇଛନ୍ତି।

### ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ଧର୍ମଶାଳା,୧୯।୧୧(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ୍ ଜାରକା ପଞ୍ଚାୟତ ଉତ୍ତର ଶାସନ(ଖ) ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କଳ୍ପତରୁ



ସାମଲ(୮୪)ଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି। ଏହି ଖବର ପାଇ ଯାଜପୁରର ପୂର୍ବତନ ଏମ୍‌ପି ରୀତା ତରାଇ, ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ କିଶାନ ପଣ୍ଡା, ଧର୍ମଶାଳା ବିକାଶ ପରିଷଦ ସଭାପତି ଶ୍ରୀକାନ୍ତ ସାହୁ, ବିଜେଡି ନେତା ସନ୍ତୋଷ କୁମାର ଜେନା, ଯୁବନେତା ସତୀଶ୍ କୁମାର ବିଶ୍ୱାଳ, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସ ରଞ୍ଜନ କର, ଜାରକା ସରପଞ୍ଚ ସୁଦାମ ଚରଣ ବେହେରା, ପୂର୍ବତନ ସରପଞ୍ଚ ବିଭୁତି ଭୂଷଣ ପାଣିଗ୍ରାହୀ, ଚୋରମୁହାଁ ସରପଞ୍ଚ ପ୍ରଦ୍ୟୁମ୍ନ କେଶରୀ ମହାନ୍ତି, ହରିଶଙ୍କର କଲେଜ୍ ଅଧ୍ୟକ୍ଷ ବଳଭଦ୍ର ଦାଶ, ଯୁବନେତା ପ୍ରଫୁଲ୍ଲ କୁମାର ରାଉତ, ଖବରଦାତା ରମାକାନ୍ତ ଜେନା, ବଟକୃଷ୍ଣ ପରିଡା, ପୂର୍ଣ୍ଣଚନ୍ଦ୍ର ଶତପଥୀ ଓ ଗୋଲକ ଚନ୍ଦ୍ର ପଲେଇଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ପରେ ମର ଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଘର ନିକଟ ବାଡିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ସୀତାକାନ୍ତ ମୁଖାଗ୍ନି ଦେଇଥିଲେ। ମୃତ୍ୟ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ସୁପ୍ରତିଭା, ଝିଅ, ଜ୍ୱାଇଁ, ବଡ଼ପୁଅ ଖବରଦାତା ସୀତାକାନ୍ତ ସାମଲ, ସାନପୁଅ ଉମାକାନ୍ତ ସାମଲ, ବୋହୂ, ନାତି, ନାତୁଣୀ, ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

# ୨ ବର୍ଷ ଗଲାନି, କାନ୍ଥ ଫାଟି ଆଁ

**ଯାଜପୁର ପୂର୍ତ୍ତ ବିଭାଗ**

- ବିପଦରେ ରାସ୍ତାପାର୍ଶ୍ୱ ସୁରକ୍ଷା କାନ୍ଥ
- ଏଫ୍-ଟୁ ଜରିଆରେ ସରକାରଙ୍କ ରାଜସ୍ୱ ଫାଙ୍କି
- ନିରୀକ୍ଷଣ ଅଧିକାରୀଙ୍କୁ ପିସି

ଯାଜପୁର,୧୯।୧୧(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ପୂର୍ତ୍ତ ବିଭାଗରେ ବିନା ଟେଣ୍ଡରରେ ଶତାଧିକ ପ୍ରକଳ୍ପ ଅନୁଗତ ଠିକାଦାରମାନଙ୍କ ହାତକୁ ଟେକି ଦିଆଯାଇଛି। ସରକାରଙ୍କ ନିର୍ଦ୍ଦେଶନାମାକୁ ଖୋଲାଖୋଲି ଉଲ୍ଲଂଘନ କରି ଏହି ବିଭାଗ ଏଫ୍-ଟୁ ଆଳରେ ଅନେକ କୋଟି ଟଙ୍କା ହରିଲୁଟ କରିଥିବା ଅଭିଯୋଗ ହୋଇଛି। ଯାହାର ଏକ ସଦ୍ୟ ଉଦାହରଣ ଷଠିପୁର ଠାରୁ ଯାଜପୁର ସହରର ପ୍ରବେଶ ପଥ ରାସ୍ତା ବାମପାର୍ଶ୍ୱରେ ନିର୍ମାଣ ହୋଇଥିବା ସୁରକ୍ଷା କାନ୍ଥକୁ ଦେଖିଲେ ସ୍ପଷ୍ଟ ବାରି ହେଉଛି। ପ୍ରାୟ ଅଢେଇ କୋଟି ଟଙ୍କାର ଅନୁଦାନକୁ ୪୯ଟି ଏଫ୍-ଟୁ କରି ଠିକାଦାରମାନଙ୍କୁ ସନ୍ତୁଷ୍ଟ କରାଯାଇଛି। ଏହି ପ୍ରକଳ୍ପଗୁଡିକ କାର୍ଯ୍ୟ ଏତେ ନିମ୍ନମାନର ହୋଇଛି ଯେ, ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହେବା ସହ ସୁରକ୍ଷା କାନ୍ଥଟି ରାସ୍ତାକଡ଼କୁ ନଇଁ ପଥଚାରୀଙ୍କ ପାଇଁ ବିପଦସଙ୍କୁଳ ଅବସ୍ଥାରେ ରହିଛି। କେତେବେଳେ ଯେ ଏହି କାନ୍ଥ ଭୁଶୁଡ଼ି ପଡି ଲୋକଙ୍କ ଧନଜୀବନ ହାନୀ କରିବ ତାହା



ପ୍ରବେଶପଥରେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ କାନ୍ଥରେ ଫାଟ ସୃଷ୍ଟି ହୋଇଛି।

କହିବା କଷ୍ଟକର ହୋଇଛି। ଏଥିରେ ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାରମାନେ ମିଳିମିଶି ନିରୀକ୍ଷଣକାରୀ ଅଧିକାରୀଙ୍କୁ ମୋଟା ଅଙ୍କର ପରସେଣ୍ଟେଜ(ପିସି) ଦେଇ ମୋଟ ଅନୁଦାନର ସିଂହଭାଗ ଚଲୁ କରିଥିବା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ଗୋଟିଏ ପ୍ରକଳ୍ପର ପରିମାଣ ୫ ଲକ୍ଷ ଟଙ୍କାରୁ ଅଧିକ ହେଲେ ଅନ୍‌ଲାଇନ ଟେଣ୍ଡର କରି ଠିକାଦାରଙ୍କଠାରୁ ଫି ବାବଦରେ ସରକାର ବିପୁଳ ଟଙ୍କାର ରାଜସ୍ୱ ପାଇଥାନ୍ତି। କିନ୍ତୁ ଯାଜପୁର ଜିଲାର ପୂର୍ତ୍ତ ବିଭାଗର କେତେଜଣ ଦୁର୍ନୀତିଖୋର ଉଚ୍ଚ କର୍ତ୍ତୃପକ୍ଷ ଏଭଳି ରାଜସ୍ୱକୁ ଫାଙ୍କି ଦେଉଥିବାବେଳେ ଠିକାଦାର ଓ ଯନ୍ତ୍ରୀ ଗୁପ୍ତ ଟେଣ୍ଡର କରି ବେଶ୍ ମାଲାମାଲ୍ ହେଉଛନ୍ତି ବୋଲି ଚର୍ଚ୍ଚା ହେଉଛି। ବିଶେଷ କରି ଯାଜପୁର, ଚଣ୍ଡିଖୋଲ ଓ ବିଞ୍ଝାରପୁର ଉପଖଣ୍ଡରେ ଅନେକ କୋଟି ଟଙ୍କାର ପ୍ରକଳ୍ପକୁ ଶତାଧିକ ଏଫ୍-ଟୁ କରାଯାଇ ହରିଲୁଟ କରାଯାଇଥିବା ଅଭିଯୋଗ ହେଉଛି। ସରକାରୀ ଗାଇଡ୍ ଲାଇନ ଅନୁଯାୟୀ ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ପ୍ରକଳ୍ପରେ ଟେଣ୍ଡର ଜରିଆରେ ଠିକା ଦେବା କଥା। ହେଲେ ଜିଲାର ଏକାଧିକ ପ୍ରକଳ୍ପରେ ୨୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ ହେଉଥିବା ବେଳେ ଟେଣ୍ଡର ନ କରି ନିଜ ଅନୁଗତ ଠିକାଦାରମାନଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିବା ଜଣାପଡିଛି।

ସୂଚନା ଅନୁଯାୟୀ, ଯାଜପୁର ମୁଖ୍ୟ କେନାଲ ପାର୍ଶ୍ୱରେ ଚେକ୍‌ଗେଟ୍ ଠାରୁ ମୋକେଇପୁର ପର୍ଯ୍ୟନ୍ତ ପ୍ରାୟ ଅଢେଇ କିମି ଲମ୍ବର ଏକ କାନ୍ଥ ୨ ବର୍ଷ ତଳେ ନିର୍ମାଣ ହୋଇଛି। କିନ୍ତୁ ଏହି ପ୍ରକଳ୍ପ ନିର୍ମାଣର ୨ବର୍ଷ ନ ପୂରୁଣୁ ବଡବଡ ଫାଟ ସୃଷ୍ଟି ହୋଇଛି। ଏପରି କି କେତେକ ସ୍ଥାନରେ କାନ୍ଥ ରାସ୍ତା କଡକୁ ନଇଁ ପଡିଛି। ଯାହାକି ଲଗାଣ ବର୍ଷା ହେଲେ ଭୁଶୁଡି ପଡିବାର ଆଶଙ୍କା ସୃଷ୍ଟି ହୋଇଛି। ତେବେ ଏହି କାନ୍ଥ କଣ ପାଇଁ କେଉଁ ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିଲା ତାହା ସହରବାସୀ ଏଯାଏ ଜାଣି ପାରିନାହାନ୍ତି। ଯଦି ସହର ପ୍ରବେଶ ପଥରେ ଏଭଳି ନିମ୍ନମାନର କାମ ଦେଖିବାକୁ ମିଳୁଛି ତେବେ ସହର ଭିତରେ ନିର୍ମାଣାଧୀନ ଏକାଧିକ ପ୍ରକଳ୍ପରେ ଅନୁରୂପ ଭାବେ ଅନିୟମିତତା ହେଉଥିବା ସନ୍ଦେହ କରାଯାଇଛି। ଏହି ସୁରକ୍ଷା କାନ୍ଥ ଉପରେ ପାଣିକୋଇଲି ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ସହରବାସୀ ଦାବି କରି ଆସୁଛନ୍ତି। ହେଲେ ପୂର୍ତ୍ତ ବିଭାଗରେ ପିସି କାରବାର ଏତେ ଅଣାୟତ୍ତ ହୋଇଛି ଯେ, ତଦନ୍ତ କ'ଣ କରିବେ ଓଲଟା ଦୁର୍ନୀତିକୁ ପ୍ରୋତ୍ସାହିତ କରାଯାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି।

ଏ ସମ୍ପର୍କରେ ଯାଜପୁର ପୂର୍ତ୍ତ ବିଭାଗ ଉପଖଣ୍ଡର ଏସ୍‌ଡିଓ ଭାଗିରଥି ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଗଛ ଚେର ବଢିବା ଯୋଗୁ କାନ୍ଥରେ ଫାଟ ସୃଷ୍ଟି ହୋଇଛି। ଏଥିରେ କୌଣସି ଦୁର୍ନୀତି ହୋଇନାହିଁ। ତେଣୁ ଆଗାମୀ ଦିନରେ ଗଛ ଚେର କଟାଯିବା ସହ ପୁଣି ସେଠାରେ ଏକ ସୁରକ୍ଷା କାନ୍ଥ ନିର୍ମାଣ କରିବାକୁ ଯୋଜନା ରହିଛି। ଏହି ପ୍ରକଳ୍ପ ତାଙ୍କ ସମୟରେ ନିର୍ମାଣ ହୋଇନାହିଁ ବୋଲି ସେ ସୂଚନା ଦେଇଛନ୍ତି।

## ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



ବାର୍ଷିକ କ୍ରୀଡ଼ା ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଛତିଆ,୧୯।୧୧(ସୌମ୍ୟ ରଞ୍ଜନ ସାହୁ):

ବଡ଼ଚଣା ବ୍ଲକ ଅଧୀନ ବୈରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୨ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ସୁଶ୍ରୀ ଜୟଶ୍ରୀ ବିଶ୍ୱାଳଙ୍କ ସଂଯୋଜନାରେ ପରିଚାଳିତ ୩ ଦିନିଆ ଉତ୍ସବକୁ ବରିଷ୍ଠ ଆଚାର୍ଯ୍ୟ ମଙ୍ଗରାଜ ଦାସ ଉଦ୍‌ଘାଟନ କରିଥିଲେ। ଉତ୍ସବର ଅନ୍ତିମ ଦିବସରେ ଧନେଶ୍ୱର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କ୍ରୀଡ଼ା ସମାରୋହରେ ମୁଖ୍ୟଅତିଥିଭାବେ ବୈରୀ ଥାନା ଅଧିକାରୀ ଶରତ କୁମାର ନାୟକ ଯୋଗଦେଇ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ଉତ୍ତମ କ୍ରୀଡ଼ାବିତ ହୋଇ ଦେଶର ଗୌରବ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବୈରୀ ସରପଞ୍ଚ ଲକ୍ଷ୍ମୀପ୍ରିୟା ଦାସ ଓ ସମିତିସଭ୍ୟା ବିଳାସିନୀ ଖୁଣ୍ଟିଆ ଯୋଗଦେଇ ବିଦ୍ୟାଳୟରେ କ୍ରୀଡ଼ାର ଆବଶ୍ୟକତା ଉପରେ ମତ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଡମ୍ବରୁଧର ରାଉତ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ନଳିନୀ ରଞ୍ଜନ ବାର୍ଷିକ କ୍ରୀଡ଼ା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଗଙ୍ଗାପ୍ରସାଦ ପରିଡ଼ା ବିବରଣୀ ପାଠ କରିଥିଲେ। ବାଳିକା ବିଭାଗରେ ସୁଶ୍ରୀ ଅନନ୍ୟା ଖୁଣ୍ଟିଆ ଓ ବାଳକ ବିଭାଗରେ ବିଶ୍ୱଜିତ ଦାସ ଚାମ୍ପିୟନ ହୋଇଥିଲେ। ଅତିଥି ସଫଳତା ହାସଲ କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ସହିତ ପଦକ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ମଙ୍ଗରାଜ ଦାସ ଧନ୍ୟବାଦ ଦେଇଥିଲେ।

# ଶୁଭ ସକାଳର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ ହୋଇଥିବା ବ୍ୟକ୍ତିବିଶେଷ।

ଧର୍ମଶାଳା,୧୯।୧୧(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ରବିବାର ଶୁଭସକାଳର ନବମ ବାର୍ଷିକ ଉତ୍ସବ, ପତ୍ରିକା ଉନ୍ମୋଚନ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ରାଜକିଶୋର ପାଢ଼ୀଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଶିଶୁ ସାହିତ୍ୟିକ ଡ. ନରେନ୍ଦ୍ର ପ୍ରସାଦ ଦାସ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ବିଜ୍ଞାନ ପ୍ରତି ଶିଶୁମାନଙ୍କୁ ଆକୃଷ୍ଟ କରିବା ଭଳି ଲେଖା ଅବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଶିଶୁ ସାହିତ୍ୟ ସ୍ରଷ୍ଟା ଡ. ବସନ୍ତ କିଶୋର ସାହୁ ଯୋଗଦେଇ ଶିଶୁ ବିନା ଅନୁଷ୍ଠାନ ପରିପକ୍ୱତା ହୋଇପାରେନା। ଶିଶୁ ମନସ୍ତତ୍ତ୍ୱ ସମ୍ବଳିତ ସାହିତ୍ୟ ହେଉଛି ଶିଶୁ ସାହିତ୍ୟ ବୋଲି କହିଥିଲେ। ଏହି ଅବସରରେ ଶୁଭସକାଳର ବାର୍ଷିକ ସଂଖ୍ୟା, ଚିତ୍ତରଞ୍ଜନ ମହାନ୍ତିଙ୍କ କବିତା ପୁସ୍ତକ 'ଧନ ଯିବ ବୁଲି ଜହ୍ନ ରାଇଜ', ରଜକିଶୋର ପାଢ଼ୀଙ୍କ କବିତା ପୁସ୍ତକ 'ଗୋପଲିଳା' ଓ ନାରାୟଣ ଶତପଥୀଙ୍କ 'ପିଲାଙ୍କ କାହାଣୀ ପେଡ଼ି' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରହ୍ଲାଦ ପଣ୍ଡା, ପଦ୍ମଜା ଶର ଓ ପ୍ରଶାନ୍ତ ସ୍ୱାଇଁ ପୁସ୍ତକ ଗୁଡ଼ିକର ସମୀକ୍ଷା କରିଥିଲେ। ଡ. ନରେନ୍ଦ୍ର ପ୍ରସାଦ ଦାସଙ୍କୁ ଶୁଭସକାଳ ପୁରସ୍କାର, ଡ. ରାଜକିଶୋର ପଣ୍ଡାଙ୍କୁ ଡା. ରମେଶ ଚନ୍ଦ୍ର ସାହୁ ସ୍ମୃତି ସମ୍ମାନ, ଡ. ପ୍ରିୟନାଥ ମହାପାତ୍ରଙ୍କୁ ବଂଶୀଧର ସେଠୀ ସ୍ମୃତି ସମ୍ମାନ, ବର୍ଷୀୟାନ ଶିକ୍ଷକ ଶୁକଦେବ ପତିଙ୍କୁ ବଂଶୀଧର ସେଠୀ ଶିକ୍ଷକ ସମ୍ମାନ ପ୍ରଦାନ କରାଯାଇଥିଲା। ଡ. ପାଢ଼ୀ, ଶତପଥୀ, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା ଓ ଡ. ଦାସ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କୁ ଯଥାକ୍ରମେ ସମ୍ବର୍ଦ୍ଧିତ କରିଥିଲେ। ଭଦ୍ରକ କଲେଜ ପ୍ରାଧ୍ୟାପକ ସନ୍ତୋଷ ସେଠୀ ଅନୁଷ୍ଠାନ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଅଧ୍ୟାପିକ ରେଖା ଦାସ ଉପସ୍ଥିତ ଥିଲେ। ସମ୍ପାଦକ ବ୍ରଜବନ୍ଧୁ ଶତପଥୀ ବିବରଣୀ ପାଠ କରିଥିବାବେଳେ ଡ. ଚିତ୍ତରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଓ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦନ କରିଥିଲେ। ଉପସଭାପତି ମିନତି ସାହୁ ମଞ୍ଚ ପରିଚାଳନା କରିଥିଲେ। ଅଖିଳ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ସୁଦ୍ଧିକ୍ରିୟା ପାଇଁ ସହାୟତା

ଜେନାପୁର,୧୯।୧୧(ଅଶୋକ ଦାସ):

ଧର୍ମଶାଳା ବ୍ଲକ୍ ଏଣ୍ତଳବା ପଞ୍ଚାୟତ କଲାଣ୍ଡ ଗ୍ରାମର ନିମାଇଁ ଗୁରୁଙ୍କ ପରିବାରକୁ ସୁଧିକ୍ରିୟା ପାଇଁ ଉଦିୟମାନ ଅନୁଷ୍ଠାନ ପକ୍ଷରୁ ଲୁଗାପଟା ସମେତ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅନୁଷ୍ଠାନର ସଭାପତି ଅବିନାଶ ଜେନା, ଉପସଭାପତି ପ୍ରକାଶ କୁମାର ନାୟକ, ସ୍ୱେଚ୍ଛାସେବୀ ସଞ୍ଜୟ କୁମାର ସାହୁ, ପ୍ରତାପ ଚନ୍ଦ୍ର ଦାସ, ଆଶୁତୋଷ ଦେବୀପ୍ରସାଦ ରାଉତ ଓ ସାଗର ରଞ୍ଜନ ନାୟକ ନିମାଇଁଙ୍କ ଘରେ ପହଞ୍ଚି ସହାୟତା ପ୍ରଦାନ କରିବା ସହ ତାଙ୍କ ସ୍ତ୍ରୀ ବାସନ୍ତୀଙ୍କୁ ସମବେଦନା ଜଣାଇଛନ୍ତି। ଗତ ୧୩ ତାରିଖ ସନ୍ଧ୍ୟାରେ ଫେରିକରି ଘରକୁ ଫେରୁଥିବା ବେଳେ ସଡ଼କ ଦୁର୍ଘଟଣାରେ ନିମାଇଁଙ୍କ ଦେହାନ୍ତ ହୋଇଛି। ସେ ଘରର ଏକମାତ୍ର ରୋଜଗାରିଆ ଥିଲେ। ଫେରି କରି ଯାହା କିଛି ରୋଜଗାର କରୁଥିଲେ ସେଥିରେ ତାଙ୍କର ୩ ପ୍ରାଣୀ କୁଟୁମ୍ବ ବଞ୍ଚି ଯାଉଥିଲେ। ଏବେ ତାଙ୍କର ଦେହାନ୍ତ ହେବାରୁ ସୁଧିକ୍ରିୟା ପାଇଁ ତାଙ୍କ ସ୍ତ୍ରୀଙ୍କ ପାଖରେ ଟଙ୍କାଟିଏ ବି ନାହିଁ। ତେଣୁ ସୁଧିକ୍ରିୟା ପାଇଁ ସହାୟତା ପ୍ରଦାନ କରିବାକୁ ତାଙ୍କ ସ୍ତ୍ରୀ ଉଦିୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ନିବେଦନ କରିଥିଲେ। ସ୍ୱାମୀଙ୍କୁ ହରାଇ ବାସନ୍ତୀ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି।

# ଜାତୀୟ ଶିକ୍ଷାନୀତି ସୁଯୋଗ, ଆହ୍ୱାନ ଶୀର୍ଷକ ଆଲୋଚନାଚକ୍ର




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

ବଡ଼ଚଣା,୧୯।୧୧(ଦିଲୀପ କୁମାର ମହାନ୍ତି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ବାଣିଜ୍ୟ ସମ୍ମାନ ବିଭାଗ ପକ୍ଷରୁ ଜାତୀୟ ଶିକ୍ଷାନୀତି ସୁଯୋଗ ଓ ଆହ୍ୱାନ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ଭାଗ୍ୟଧର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟଅତିଥିଭାବେ କଲଜେ ଅଧ୍ୟକ୍ଷ ପବିତ୍ର ମୋହନ ମାହାଲା ଯୋଗଦେଇ ଛାତ୍ରୀଛାତ୍ର ନିଜ ଏକାଗ୍ରତା, ଅଧ୍ୟବସାୟ, ଚେଷ୍ଟା, ପ୍ରଚେଷ୍ଟା ଦ୍ୱାରା ସଫଳତାର ଶୀର୍ଷରେ ପହଞ୍ଚିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସାଧୁ ଗୌଡ଼େଶ୍ୱର ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ଡ. ସୁଧାଂଶୁ କୁମାର ଦାଶ ଯୋଗଦେଇ ଶିକ୍ଷା ଅନ୍ଧାର ରୂପକ ଅଜ୍ଞାନକୁ ଦୂର କରି ଜ୍ଞାନ ରୂପକ ଆଲୋକ ପ୍ରଦାନ କରିଥାଏ ବୋଲି କହିଥିଲେ। ବିଭାଗୀୟ ମୁଖ୍ୟ ଡ. ଭାଗ୍ୟଧର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧାପକ ସତ୍ୟପ୍ରକାଶ ନାୟକ ଜାତୀୟ ଶିକ୍ଷାନୀତି ଉପରେ ଅନେକ ତଥ୍ୟ ଉପସ୍ଥାପନ କରିଥିଲେ। ଏଥିରେ ବାଣିଜ୍ୟ ବିଭାଗର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିଭାଗୀୟ ଅଧାପିକା ଶୁଭଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।

# କୋରେଇ ଉନ୍ନୟନ ପରିଷଦର ସାଧାରଣ ବୈଠକ



ବୈଠକରେ ଉପସ୍ଥିତ କୋରେଇ ଉନ୍ନୟନ ପରିଷଦର କର୍ମକର୍ତ୍ତା।

ପାଣିକୋଇଲ,୧୯।୧୧(ବିକାଶ ମଲ୍ଲିକ):

ପାଣିକୋଇଲି ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟଠାରେ କୋରେଇ ଉନ୍ନୟନ ପରିଷଦର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଶ୍ରୀଧର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନୃସିଂହ ଚରଣ ଦଳାଇ ଅତିଥିଭାବେ ଯୋଗଦେଇ ପରିଷଦର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଆର୍ଥିକ ଦୁର୍ବଳ ଶ୍ରେଣୀର ୯ମ ଓ ୧୦ମ ଶ୍ରେଣୀ ପରୀକ୍ଷା ଦେବାକୁ ଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ମାଗଣା କୋଚିଂ ଦେବା ଲାଗି ନିଆଯାଇଥିବା ନିଷ୍ପତ୍ତିକୁ ପରିଷଦର ସମସ୍ତ ସଦସ୍ୟ ପ୍ରଶଂସା କରିଥିଲେ।

ସମ୍ପାଦକ ଆଲୋକ ଦାସ ପରିଷଦର ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରିଷଦର ସଦସ୍ୟମାନେ ବିଭିନ୍ନ ଦାବି ଉପସ୍ଥାପନା କରିବା ସହିତ ଆଗାମୀ ଦିନରେ ଏ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଦାବିଗୁଡ଼ିକ ମଧ୍ୟରେ ବୈତରଣୀ ରୋଡ୍‌ଠାରେ ଫ୍ଲାଏଓଭର ବ୍ରିଜନିର୍ମାଣ, ରଣପୁର ପଞ୍ଚାୟତରେ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ, ପାଣିକୋଇଲି ପରି ସମସ୍ତ ପଞ୍ଚାୟତରେ ବରିଷ୍ଠ ନାଗରିକ ମଞ୍ଚ ପ୍ରତିଷ୍ଠା, ପାଣିକୋଇଲିଠାରେ ଅଗ୍ନିଶମ କେନ୍ଦ୍ରର ସ୍ଥାପନ, ପ୍ରତି ପଞ୍ଚାୟତରେ ଶୀତଳ ଭଣ୍ଡାର ସ୍ଥାପନ, ମାସକୁ ୨୦୦ ୟୁନିଟ ବିଜୁଳି ସହିତ ଚାଷ ନିମନ୍ତେ ମାଗଣା ବିଦ୍ୟୁତ୍ ଯୋଗାଣ, ପ୍ରତି ପଞ୍ଚାୟତରେ ସାପ୍ତାହିକ ହାଟ ସ୍ଥାପନ ଓ ପାଣିକୋଇଲି ଠାରେ ଟ୍ରାଫିକ ସମସ୍ୟାର ସମାଧାନ ନିମନ୍ତେ ୨୦ ନମ୍ବର ଜାତୀୟ ରାଜପଥ ଉପରେ ଏକ ଫ୍ଲାଇ ଓଭରବ୍ରିଜର ନିର୍ମାଣ ସହ ଜିଲାକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ପାଇଁ ଦାବି ରହିଛି। ଏନେଇ ପରିଷଦ ତରଫରୁ ଆଗାମୀ ଦିନରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି ସମ୍ପାଦକ ଦାସ କହିଛନ୍ତି।

ବୈଠକରେ ଉପଦେଷ୍ଟା ମଦନମୋହନ କର, କୈଳାସ ଚନ୍ଦ୍ର ସାମଲ, ଭାଗିରଥି ଦାଶ, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ଅଶ୍ୱିନୀ କୁମାର ଦାସ, ନକୁଳ ସାମନ୍ତରାୟ, ଅଦ୍ୱୈତ କୁମାର ସାହୁ, ବସନ୍ତ କୁମାର କର, ରବିନାରାୟଣ ଦାସ, ଗଣେଶ ପ୍ରସାଦ ମଲ୍ଲିକ, ତାରିଣୀ କୁମାର ପଟ୍ଟନାୟକ, କାଳନ୍ଦୀ କଣ୍ଡ, ଅମିୟ କୁମାର ସାହୁ, ବୃନ୍ଦାବନ ମହାକୁଡ଼, ସୁଧାଂଶୁ ଶେଖର ସାହୁ, ବରିଷ୍ଠ ନାଗରିକ ମଞ୍ଚର ସତ୍ୟରଞ୍ଜନ ସ୍ୱାଇଁ, ଗୋକୁଳାନନ୍ଦ ମହାପାତ୍ର, ସେକ୍ ଇସ୍ରାଏଲ, ଗୋପନ କିଶୋର ଜେନା, ସଞ୍ଜୟ କୁମାର ନାୟକ, ଅକ୍ଷୟ ବାରିକ ଓ ସତ୍ୟ ରଞ୍ଜନ ସ୍ୱାଇଁ ଯୋଗ ଦେଇଥିଲେ। ପରିଷଦର ଉପସଭାପତି ଅମୂଲ୍ୟ କୁମାର ଦାଶ ଧନ୍ୟବାଦ ଦେଇଥିଲେ।

## ୪୦ ବୃଦ୍ଧାବୃଦ୍ଧଙ୍କୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରାଇଲେ ସାମାଜିକ କର୍ମୀ

ରାଜନଗର, ୧୯।୧୧ (ଭାସ୍କର ରାଉତରାୟ)

ରାଜନଗର ଗାଁର ଯୁବ ସାମାଜିକ କର୍ମୀ ନିଜ ଖର୍ଚ୍ଚରେ ଗାଁର ୪୦ଜଣ ବୃଦ୍ଧାବୃଦ୍ଧଙ୍କୁ ନେଇ ପୁରୀରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରାଇଛନ୍ତି। ଗାଁର ଯୁବ ସାମାଜିକ କର୍ମୀ ବାବାଜୀ ମିଶ୍ର ଓ ପଣ୍ଡିତ ଶଙ୍କର୍ଷଣ ମିଶ୍ର ତାଙ୍କ ଜେଜ ସ୍ୱର୍ଗତ ଚିନ୍ତାମଣି ମିଶ୍ରଙ୍କ ସ୍ମୃତିରେ ପବିତ୍ର କାର୍ତ୍ତିକ ମାସରେ ବୃଦ୍ଧାବୃଦ୍ଧମାନଙ୍କୁ ପୁରୀର ଶ୍ରୀଜଗନ୍ନାଥଙ୍କ ଦର୍ଶନ କରାଇଛନ୍ତି। ଶନିବାର ରାତି ୧୦ଟାରେ ରାଜନଗରର ଦଧିବାମନଜୀଉଙ୍କ ମନ୍ଦିର ନିକଟରୁ ବୃଦ୍ଧାବୃଦ୍ଧମାନଙ୍କ ସହ ୧୦ଜଣ ସ୍ୱେଚ୍ଛାସେବୀ ଏକ ବସ୍ ଯୋଗେ ପୁରୀ ଯାଇଥିଲେ। ରବିବାର ସକାଳେ ପୁରୀରେ ପହଞ୍ଚିବା ପରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହ ମନ୍ଦିର ବେଢା ଓ ବାହାର ପରିକ୍ରମା କରିଥିଲେ। ବୃଦ୍ଧାବୃଦ୍ଧମାନେ ପୁରୀ ସମୁଦ୍ର କୂଳ ବୁଲିବା ସହ ଆଖ ପାଖରେ ଥିବା ମଠ ମନ୍ଦିର ଦର୍ଶନ କରିଥିଲେ। ପୁରୀରୁ ଫେରି ପାହାଳ ନିକଟରେ ଥିବା ଓଁକାରେଶ୍ୱର ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରି ଘରେ ପହଞ୍ଚିଛନ୍ତି। ରାଜନଗର ଗାଁର ବାସୁଦେବ ମଳିକ (୭୦), ନାରାୟଣ ସାହୁ (୭୫), କାଙ୍ଗାଳି ଚରଣ ସାହୁ (୭୫), ନୃସିଂହ ଚରଣ ସାହୁ (୭୦), ଶିବରାମ ମଳିକ, ଅଜାମ୍ବର ମଳିକ, ବୀର କିଶୋର ମଳିକ, ଫକୀର ମଳିକ ପ୍ରମୁଖ ୪୦ଜଣ ବୃଦ୍ଧାବୃଦ୍ଧ ଯାଇଥିଲେ।

# ୧୧୦ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ

ରସୁଲପୁର,୧୯।୧୧(ରଞ୍ଜିତ ରାଉତ):

**ରସୁଲପୁର ବ୍ଲକରେ ବିଶ୍ୱ ପାଇଖାନା ଦିବସ**

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ରବିବାର ବିଶ୍ୱ ପାଇଖାନା ଦିବସ-୨୦୨୩ ପାଳିତ ହୋଇଯାଇଛି। ଗାଁ ପରିବେଶକୁ ନିର୍ମଳ ଓ ସ୍ୱଚ୍ଛ କରି ଗଢ଼ିତୋଳିବା ଦିଗରେ ସ୍ୱଚ୍ଛଭାରତ ମିଶନର ଏହା ଏକ ବଡ଼ ପ୍ରୟାସ। ପ୍ରତ୍ୟେକ ପରିବାର ପାଇଖାନା ବ୍ୟବହାର କରିବା ସହ ଗାଁକୁ ବାହ୍ୟ ମଳମୂତ୍ରରୁ ମୁକ୍ତ କରିବା ପାଇଁ ସରକାରୀସ୍ତରରେ ରଖାଯାଇଥିବା ମିଶନକୁ ପୂରଣ କରିବା ଦିଗରେ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି। ଏହି ପ୍ରୟାସ ୱାର୍ଡସ୍ତରରୁ କରାଗଲେ ଦିବସର ଲକ୍ଷ୍ୟ ସାଧାନ ହୋଇପାରିବ ବୋଲି ବିଡିଓ ଅବନିକାନ୍ତ ସାହୁ କହିଛନ୍ତି।

ଏହି ଅବସରରେ ୧୮ ପଞ୍ଚାୟତରୁ ୧୧୦ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି ଯୋଜନା ଜରିଆରେ ହିତାଧିକାରୀମାନଙ୍କୁ ୧୨ହଜାର ଟଙ୍କା ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଉଛି। ପ୍ରତ୍ୟେକ ହିତାଧିକାରୀ ପାଇଖାନା ନିର୍ମାଣ କରିବା ସହ ମଇଳା ଓ ଆବର୍ଜନା ପାଣି ସଂରକ୍ଷିତ ରଖିବା ପାଇଁ ଟୁଇନ ପିଟ୍( ୨ ଅଲଗା ପାଇଖାନା ଟାଙ୍କି) ନିର୍ମାଣ କରିବାକୁ କୁହାଯାଇଛି। ପାଇଖାନା କାର୍ଯ୍ୟାଦେଶ ବଣ୍ଟନ ମେଳାରେ ସ୍ୱଚ୍ଛ ଭାରତ ମିଶନର ବ୍ଲକ ସଂଯୋଜିକା ଅପର୍ଣ୍ଣା ମଲିକ ଅଧ୍ୟକ୍ଷତା କରିଥିଲେ। ବିଡିଓ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିବା ସହ ପାଇଖାନା ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଡିଓ ଦିବ୍ୟକାନ୍ତି ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ, ଜିଲା ଜଳ ଓ ପରିମଳ ପରାମର୍ଶଦାତା ମାନସ ରଞ୍ଜନ ସାହାଣୀ ଓ ମାଷ୍ଟର ଟ୍ରେନର ସତ୍ୟବ୍ରତ ସାହୁ ପ୍ରମୁଖ ଯୋଗଦେଇ ବ୍ୟକ୍ତିଗତ ଘରୋଇ ପାଇଖାନା ନିର୍ମାଣ ଓ ତା'ର ବ୍ୟବହାର ସମ୍ପର୍କରେ ସୂଚନା ଦେଇଥିଲେ। ପାଇଖାନା ନିର୍ମାଣ ପାଇଁ ପ୍ରୋତ୍ସାହନ ରାଶିର ପରିମାଣ ବଢ଼ାଇବା ପାଇଁ ହିତାଧିକାରୀଙ୍କ ପକ୍ଷରୁ ଦାବି ହୋଇଥିଲା।



ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି।

## ଶିବିରରେ ୪୮ ୟୁନିଟ୍ ରକ୍ତ ସଂଗ୍ରହ

ଆଳି,(ବନମାଳୀ ସେନାପତି) : ଆଳି ବ୍ଲକ ଜୁଆଣିଆ ପଞ୍ଚାୟତର ସରପଞ୍ଚ ସୁବ୍ରତ ନାୟକ ନିଜ ଜନ୍ମଦିନରେ ରକ୍ତଦାନ ଶିବିର ଆୟୋଜନ କରି ପ୍ରଶଂସା ସାଉଁଟିଛନ୍ତି। ଶିବିରକୁ ବିଜୁ ଯୁବ ଜନତା ଦଳ ପକ୍ଷରୁ ଆୟୋଜନ କରାଯାଇଥିଲା। ଏଥିରେ କେନ୍ଦ୍ରାପଡ଼ା ଜିଲା ବିଜୁ ଯୁବ ଜନତା ଦଳ ସଭାପତି ରାଜେଶ ଦାସ ଉଦ୍ଘାଟନ କରିଥିଲେ। ସରପଞ୍ଚ ସୁବ୍ରତଙ୍କ ସମେତ ୪୮ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଶିବିରରେ ଆଳି ବ୍ଲକ ଯୁବ ଜନତା ଦଳ ସଭାପତି କେଦାରନାଥ ବେହେରା, ଜିଲା ପରିଷଦ ସଭ୍ୟ ସ୍ୱାଗତିକା ରାଉତ, ମନ୍ତ୍ରୀଙ୍କ ପ୍ରତିନିଧି ସୁମନ୍ତ ରାଉତ, ଜୀବନବିନ୍ଦୁର ଜିଲା ସଂଯୋଜକ ହିରଣ୍ୟ ପଣ୍ଡା, ଯୁବ ବିଜୁ ଜନତା ଦଳ ଜିଲା ସାଧାରଣ ସମ୍ପାଦକ ସମ୍ପିତ ଶ୍ରୀଚନ୍ଦନ, ସଂସିଧା ସରପଞ୍ଚ ଦୀପକ ଭୂୟାଁ, ଯୁବ ସଙ୍ଗଠକ ଜ୍ୟୋତିରଞ୍ଜନ ଭୂୟାଁ, ପୂର୍ବତନ ସରପଞ୍ଚ ନିଖିଳ ସାମଲ, ଶିବ ପ୍ରସାଦ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ଶିକ୍ଷକ ନେତା ପ୍ରହ୍ଲାଦ ଜେନା ଜଣେ ଦରଦୀ ମଣିଷ ଥିଲେ

ଆଳି,୧୯।୧୧ (ବନମାଳୀ ସେନାପତି)

ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ଆଳି ବ୍ଲକର ପୂର୍ବତନ ସମ୍ପାଦକ ପ୍ରହ୍ଲାଦ ଜେନା ଜଣେ ଦରଦୀ ମଣିଷ ଥିଲେ ବୋଲି ତାଙ୍କ ଏକାଦଶାହରେ ଆୟୋଜିତ ସ୍ମୃତି ସଭାରେ ବକ୍ତାମାନେ ଏହା ପ୍ରକାଶ କରିଥିଲେ। ରବିବାର ଆୟୋଜିତ ଏହି ସ୍ମୃତିସଭାରେ ଶିକ୍ଷାବିତ୍ ରବୀନ୍ଦ୍ର କୁମାର ରାଉଳ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ଜେନାଙ୍କ ଅନେକ ସମସାମୟିକ ଶିକ୍ଷାବିତ୍ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ। ପୂର୍ବତନ ଶିକ୍ଷକ ନେତା ବୀରେନ୍ଦ୍ର କୁମାର ପଣ୍ଡା, ଅଭିମନ୍ୟୁ ପଢିଆରୀ, ପାବନୀ କୁମାର ରାଉତ, ଶିକ୍ଷାବିତ୍ ବିଜୟ କୁମାର ଜେନା, ମଧୁସୂଦନ ଦାସ, ଧରଣୀଧର ବେହେରା, ଖଗେଶ୍ୱର ମାହୁନ୍ତ, ବିଜୟ କୁମାର ପାତ୍ର, ପ୍ରଫୁଲ୍ଲ କୁମାର ପରିଡ଼ା, ଅଭୟ କୁମାର ନାୟକ, ଗୌରାଙ୍ଗ ଚରଣ ନାୟକ, କଳ୍ପନା ଜେନା, ଅଭୟ କୁମାର ନନ୍ଦୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ସ୍ମୃତିଚାରଣ କରିଥିଲେ। ସେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ବ୍ଲକ ସମ୍ପାଦକ ଥିବା ସମୟରେ ଶିକ୍ଷକମାନଙ୍କର କାର୍ଯ୍ୟ ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ କାର୍ଯ୍ୟ ଶିକ୍ଷା ବିଭାଗର କାର୍ଯ୍ୟାଳୟରେ ଯେପରି ସୁବିଧାରେ ହୁଏ ସେ ଚାହୁଁଥିଲେ। ତାଙ୍କ ସମୟରେ ଶିକ୍ଷକମାନେ ବ୍ୟକ୍ତିଗତ ଭାବେ ଶିକ୍ଷା ବିଭାଗ କାର୍ଯ୍ୟାଳୟକୁ ଯାଇ ଅସୁବିଧା ଭୋଗ କରୁ ନ ଥିଲେ। ସେ ଜଣେ କରିତକର୍ମା ଶିକ୍ଷକ ନେତା ଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ଜେନାଙ୍କ ଝିଅ, ଜ୍ୱାଇଁ, ପରିବାର ଲୋକେ ଓ ଗ୍ରାମବାସୀ ସକ୍ରିୟ ସହଯୋଗ କରିଥିଲେ।

# ୫-ଟି ଅଧୀନ, ଡାକ୍ତର ପଦବୀ ପୂରଣ ପାଇଁ ଦାବି

### ଓଲାଭର ଡ. ରାଧାନାଥ ରଥ ସରକାରୀ ହସ୍ପିଟାଲ

ରାଜକନିକା, ୧୯।୧୧(ସଞ୍ଜୟ କୁମାର ଦାଶ)




ରାଜକନିକା ବ୍ଲକ ଓଲାଭର ଅଞ୍ଚଳବାସୀ ଓ ପ୍ରବାସୀ ଓଡ଼ିଆମାନଙ୍କ ଚେଷ୍ଟାରେ କେନ୍ଦ୍ରାପଡ଼ା ଜିଲାର ସର୍ବପୁରାତନ ଭାବେ ଓଲାଭର ଡ. ରାଧାନାଥ ରଥ ହସ୍ପିଟାଲ କରାଯାଇଥିଲା। ଏହା ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିଲା। ୧୯୯୨ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସମୟରେ ଆଳି ଜନମାନସର ନେତା ତଥା ରାଜା ସାହେବ ଶରତ କୁମାର ଦେବଙ୍କ ଉଦ୍ୟମରେ ଏହି ହସ୍ପିଟାଲଟି ସରକାରୀ ମାନ୍ୟତା ପାଇଥିଲା। ଏହା ୨୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲରେ ପରିଣତ କରାଯାଇ ୩ଜଣ ଡାକ୍ତର ଓ ଅନ୍ୟ ପଦ ପଦବୀରେ ନିଯୁକ୍ତି ଦିଆଯାଇଥିଲା। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଦିଗରେ ଏହା ଏକ ମାଇଲଖୁଣ୍ଟ ସଦୃଶ। ୨୦୦୦ ପରେ ହସ୍ପିଟାଲଟି ଅବହେଳାର ଶିକାର ହେଲା। ୨୦୨୩ ଜାନୁୟାରୀ ୧୩ ତାରିଖରେ ସାମାଜିକ କର୍ମୀ ତଥା ଖବରଦାତା ସୁଶାନ୍ତ ନାୟକ ଆମରଣ ଅନଶନ କରିବା ପରେ କେବଳ ଜଣେ ଏମ୍‌ବିବିଏସ୍ ଡାକ୍ତରଙ୍କୁ ଏଠାକୁ ପଠାଇ ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱ ସାରିଦେଇଛି। ଏହା ଅନଶନକାରୀ ଓ ଅଞ୍ଚଳବାସୀଙ୍କୁ ଉପହାସ କରିଥିବା ଅଭିଯୋଗ ହୋଇଛି। ତେବେ ଓଡ଼ିଶାର ୧୮୫୮ଟି ଚିକିତ୍ସାଳୟକୁ ୫-ଟି ଅଧୀନକୁ ନେଇ ନିଜସ୍ୱ ପାଣ୍ଠିରୁ ୩୩୮ କୋଟି ଟଙ୍କା ମଞ୍ଜୁର କରାଇ କ୍ୟାବିନେଟ୍ ଅନୁମୋଦନ କରାଯାଇଛି। ହେଲେ ଗ୍ରାମାଞ୍ଚଳର ଏହି ହସ୍ପିଟାଲଟି ଯାହା ୧୦ ପଞ୍ଚାୟତବାସୀଙ୍କ ସ୍ୱାସ୍ଥ୍ୟ ସେବା ଯୋଗାଉଛି ତାହାକୁ ଉପେକ୍ଷା କରାଯାଇଛି। ତେବେ ଏହି ହସ୍ପିଟାଲକୁ ୫-ଟି ଅଧୀନକୁ ନେବା ସହ ଆଉ ୨ଜଣ ଡାକ୍ତର ଅଭାବ ପୂରଣ କରିବାକୁ ଓଲାଭର ପୂର୍ବତନ ସରପଞ୍ଚ ଜୟନ୍ତୀ ଦାସ, ପ୍ରଫୁଲ୍ଲ ପୃଷ୍ଟି, ସାମାଜିକ କର୍ମୀ ନଳିନୀକାନ୍ତ ପୃଷ୍ଟି, ସୁକାନ୍ତ ସାହୁ, ଶ୍ରୀନିବାସ ଓଝା, ଯାଦବ ମହାସଭା ରାଜକନିକା ବ୍ଲକ ସମ୍ପାଦକ ମନୋଜ ପରିଡ଼ା, ଶିକ୍ଷାବିତ୍ ନେତ୍ରାନନ୍ଦ ସାହୁ ପ୍ରମୁଖ ଜିଲାପାଳ ଓ ରାଜ୍ୟ ସରକାରଙ୍କୁ ଅନୁରୋଧ କରି ଦାବି କରିଛନ୍ତି। ସୂଚନା ମୁତାବକ, ୧୯୯୨ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଓ ସ୍ୱାସ୍ଥ୍ୟମନ୍ତ୍ରୀ ମୁସ୍ତାଫିଜ୍ ଅହମ୍ମଦ ଥିବା ସମୟରେ ଓଡ଼ିଶାର ୨ଟି ହସ୍ପିଟାଲ ସରକାରୀ ମାନ୍ୟତା ପାଇଥିଲା। ସେଥିମଧ୍ୟରୁ ସାକ୍ଷୀଗୋପାଳ ଓ ଓଲାଭର ଥିଲା। ହେଲେ ଆଜି ପର୍ଯ୍ୟନ୍ତ ସରକାରୀ ପ୍ରୋଟୋକୋଲ ଭୁଲି ଯାଇଛନ୍ତି ସରକାର। ଏହି ହସ୍ପିଟାଲକୁ ତା'ର ନ୍ୟାଯ୍ୟ ମାନ୍ୟତା ସହ ୫-ଟି ଅଧୀନକୁ ନେଇ ୩ଜଣ ସ୍ଥାୟୀ ଡାକ୍ତର ଓ ଅନ୍ୟ କର୍ମଚାରୀ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଯଦି ସରକାର ଅଞ୍ଚଳବାସୀଙ୍କ ନ୍ୟାଯ୍ୟ ଦାବିକୁ ଅଣଦେଖା କରନ୍ତି ତେବେ ଆଗାମୀ ଦିନରେ ବଡ଼ଧରଣର ଜନଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସେମାନେ କହିଛନ୍ତି।

## ଶକ୍ତି ମନ୍ତ୍ରୀଙ୍କ ଦ୍ୱାରା ନୂଆ ଆନନ୍ଦ ବଜାର ଗୃହ ଉଦ୍‌ଘାଟନ



ମନ୍ତ୍ରୀ ପ୍ରତାପ କେଶରୀ ଦେବ ନୂତନ ଆନନ୍ଦ ବଜାରକୁ ଫିତା କାଟି ଉଦ୍‌ଘାଟନ କରୁଛନ୍ତି।

ରାଜକନିକା,୧୯।୧୧(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଓଲାଭର ଅଞ୍ଚଳର ସର୍ବପୁରାତନ ମା' ଶ୍ୟାମାକାଳୀଙ୍କ ମନ୍ଦିର ପରିସରରେ ରବିବାର ସନ୍ଧ୍ୟାରେ ନୂତନ ଆନନ୍ଦ ବଜାର ଗୃହର ଶୁଭ ଉଦ୍‌ଘାଟନ ଶକ୍ତି, ଶିଳ୍ପ ଓ ଲଘୁ ଉଦ୍ୟୋଗ ବିଭାଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମା' ଶ୍ୟାମାକାଳୀଙ୍କ ଆନନ୍ଦ ବଜାରର ନୂତନ ଗୃହ ନିର୍ମାଣ କରାଯାଇଛି। ମା' ଶ୍ୟାମାକାଳୀଙ୍କ ମନ୍ଦିର ପରିସରରେ ଆବଶ୍ୟକ ଥିବା ଏହି ଆନନ୍ଦ ବଜାର ଗୃହ ପାଇଁ ଦୀର୍ଘଦିନ ହେବ ଅଞ୍ଚଳବାସୀ ଦାବି କରି ଆସୁଥିଲେ। ଏଠାରେ ନୂତନ ଗୃହ ହେବା ଯୋଗୁଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ.ପାଣ୍ଡିୟାନଙ୍କ ସହ ମନ୍ତ୍ରୀ ପ୍ରତାପ ଦେବଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଉତ୍ସବରେ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତ, ବଳରାମପୁର ସରପଞ୍ଚ ସ୍ୱର୍ଣ୍ଣଲତା ବେହୁରା, ଓଲାଭର ସରପଞ୍ଚ ନହୁଷ ନାୟକ, ଓଲାଭର ଯୁବକ ସଂଘର ଉପସଭାପତି ଅଜୟ କୁମାର ପୃଷ୍ଟି , ସମ୍ପାଦକ ଶ୍ରୀନିବାସ ଓଝା, ପୂର୍ବତନ ସମ୍ପାଦକ ସୁଧୀର ଚନ୍ଦ୍ର ପଲାଇ, ସନାତନ ପୃଷ୍ଟି, କୈଳାସ ଚନ୍ଦ୍ର ବେହେରା, ପୂର୍ବତନ ସଭାପତି ସୁବାସ ଚନ୍ଦ୍ର ସାହୁ, ଉମେଶ ବେହୁରା, ମନୋରଞ୍ଜନ ବିହାରୀ, ସୁବଳ ସାହୁ, ଗଙ୍ଗାଧର ଦାସ, ନରେନ୍ଦ୍ର ସାମଲ, ନିରଞ୍ଜନ ନାୟକ, ଚନ୍ଦ୍ରଭାନୁ ନାୟକ ଓ ଉଦୟନାଥ ବେହୁରାଙ୍କ ସମେତ କର୍ମକର୍ତ୍ତା, ଉପଦେଷ୍ଟା ମଣ୍ଡଳୀ ଉପସ୍ଥିତ ଥିଲେ।

# ଗହୀରମଥାରୁ ଟ୍ରଲର ଜବତ: ୯ ମତ୍ସ୍ୟଜୀବୀଙ୍କୁ କୋର୍ଟ ଚାଲାଣ




ଜବତ ଟ୍ରଲର ସହ ଗିରଫ ମତ୍ସ୍ୟଜୀବୀମାନେ।

ମହାକାଳପଡ଼ା/ରାଜନଗର, ୧୯।୧୧
(ପ୍ରତାପ ଚନ୍ଦ୍ର ସ୍ୱାଇଁ/ ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲାର ବିଶ୍ୱପ୍ରସିଦ୍ଧ ଅଲିଭ ରିଡ୍‌ଲେ କଇଁଛମାନଙ୍କ ଅନ୍ତୁଡ଼ିଶାଳ ଭାବେ ଗହୀରମଥା ପରିଚିତ। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ପ୍ରବେଶ କଟକଣା ସତ୍ତ୍ୱେ ବେଆଇନ ଭାବେ ବାଲେଶ୍ୱର, ଭଦ୍ରକ ଅଞ୍ଚଳର ଟ୍ରଲର ଉପଦ୍ରବ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ନିଷିଦ୍ଧାଞ୍ଚଳର କଡ଼ା ସୁରକ୍ଷାକୁ ଭେଦ କରି ବେଆଇନ ଭାବେ ଟ୍ରଲରଗୁଡିକ ପ୍ରବେଶ କରି ଲକ୍ଷାଧିକ ଟଙ୍କାର ସାମୁଦ୍ରିକ ମାଛ ମାରୁଛନ୍ତି। ଅପରପକ୍ଷରେ ଆଗନ୍ତୁକ ସାମୁଦ୍ରିକ ଅତିଥି ଅଲିଭ ରିଡ୍‌ଲେ କଇଁଛମାନେ ଅନ୍ତୁଡ଼ିଶାଳକୁ ସାମୂହିକ ଅଣ୍ଡାଦାନ କରିବାକୁ ସୁରକ୍ଷିତ ମଣି ଲକ୍ଷ ଲକ୍ଷ ଯୋଜନ ସମୁଦ୍ର ପଥ ଅତିକ୍ରମ କରି ଆଗମନ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ, ତଟରକ୍ଷୀ ବାହିନୀ, ସାମୁଦ୍ରିକ ପୋଲିସ, ସାମୁଦ୍ରିକ ମତ୍ସ୍ୟ ବିଭାଗର କର୍ମଚାରୀ ପ୍ରମୁଖ ମିଳିତ ଭାବେ ଅତିଥି କଇଁଛମାନଙ୍କ ସୁରକ୍ଷା ଦେଉଛନ୍ତି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳର ବାବୁବାଲିଠାରୁ ୧୫ କିମି ଦୂର ସମୁଦ୍ରରେ ବେଆଇନ ଭାବେ ମା' କମଳା -୪୪ ଟ୍ରଲର ଜାଲ ବସାଇ ମାଛ ମାରୁଥିଲା। ଏହି ଟ୍ରଲର ସହ ୯ଜଣ ମତ୍ସ୍ୟଜୀବୀଙ୍କୁ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେଞ୍ଜ ଅଧିକାରୀ ପ୍ରଦୋଷ କୁମାର ମହାରଣାଙ୍କ ନେତୃତ୍ୱରେ ବନ ବିଭାଗ ଟିମ୍ ଶନିବାର ରାତିରେ ପାଟ୍ରୋଲିଂ ବେଳେ ଧରିଛି। ଟ୍ରଲରକୁ ଜବତ କରାଯିବା ସହ ୯ ମତ୍ସ୍ୟଜୀବୀଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ମତ୍ସ୍ୟଜୀବୀ ହେଲେ ସୁବୋଧ କୁମାର ବେହେରା, ଶ୍ରୀକାନ୍ତ ମାଝି, ସୁକାମାର ବେରା, ଭାଗୀରଥି ମହାଲିକ, ଉଦୟ ମଳିକ, କବି ମଳିକ, କୃଷ୍ଣଚନ୍ଦ୍ର ଦାସ, ରତ୍ନାକର ଦାସ, ସିପୁ ସେଠୀ। ଗିରଫ ହୋଇଥିବା ୬ ମତ୍ସ୍ୟଜୀବୀଙ୍କ ଘର ବାଲେଶ୍ୱର ଓ ୩ ଜଣ ଭଦ୍ରକ ଅଞ୍ଚଳର ବୋଲି ଜଣାପଡ଼ିଛି। ଜବତ ଟ୍ରଲରରୁ ଫିସ ଫାଇଣ୍ଡର ଗୋଟିଏ, ଜିପିଏସ୍ ଗୋଟିଏ, ଭିଏଚଏଫ୍ ଗୋଟିଏ ଓ ଟ୍ରଲିଂ ନେଟ୍ ୮ଟି ଜବତ କରାଯାଇଛି। ଏମାନଙ୍କ ବିରୋଧରେ ବନ୍ୟଜୀବ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ ଅନୁସାରେ ନଂ.୧୩/୨୩-୨୪ରେ ମାମଲା ରୁଜୁ ହୋଇଛି। ଏ ସଂକ୍ରାନ୍ତରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେଞ୍ଜ ଅଧିକାରୀ ମହାରଣାଙ୍କୁ ପଚାରିବାରେ ଅଲିଭ ରିଡ୍‌ଲେ କଇଁଛ ସୁରକ୍ଷାକୁ ଦୃଷ୍ଟିରେ ରଖି ବନ ବିଭାଗ ପାଟ୍ରୋଲିଂକୁ ଜୋରଦାର କରିଛି ବୋଲି ସେ କହିଛନ୍ତି।

## କାଳୀପୂଜାରେ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦେଲେ ଅବସରପ୍ରାପ୍ତ ସୈନିକ

ରାଜକନିକା,୧୯।୧୧ (ସଞ୍ଜୟ କୁମାର ଦାଶ)

ରାଜକନିକା ଓଲାଭର ଅଞ୍ଚଳ ସାତଘରିଆ ଗାଁର ଅବସରପ୍ରାପ୍ତ ସୈନିକ ଅକ୍ଷୟ କୁମାର ନାଥ ଚଳିତବର୍ଷ ଦୀପାବଳି, ଓଲାଭର ଶ୍ୟାମାକାଳୀ ପୂଜା ଉତ୍ସବ ଓ ଯାତ୍ରାରେ ପଡିଆକୁ ସ୍ୱଚ୍ଛ ରଖିବାକୁ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। ରବିବାର ଓଲାଭର କାଳୀପଡିଆ, ମନ୍ଦିର ସଂଲଗ୍ନ ଆନନ୍ଦ ବଜାର ସମ୍ମୁଖ ତଥା ଓଲାଭର ବଜାରକୁ ସ୍ୱଚ୍ଛ ରଖିବା ପାଇଁ ପ୍ରୟାସ ଆରମ୍ଭ କରି ହାତରେ ଝାଡୁ ନେଇ ସଫେଇ କରିଥିବା ଦେଖିବାକୁ ମିଳିଛି। ଏହି ସ୍ୱଚ୍ଛତା ଅଭିଯାନରେ ପରିବେଶବିତ୍ ସୁବାସ ଚନ୍ଦ୍ର ରାଉତ, ଯୋଗ ଶିକ୍ଷକ ଜ୍ଞାନରଞ୍ଜନ ବେହେରା, ଗଣେଶ୍ୱର ଦଳାଇ, ମହେଶ୍ୱର ପରିଡା, ସୁଶାନ୍ତ ଦଳାଇ, ଦୀପୁ ପରିଡା, ସାମାଜିକ କର୍ମୀ ମନୋଜ ପରିଡାଙ୍କ ସମେତ ଓଲାଭର ବଣିକ ସଂଘର ସମସ୍ତ ବ୍ୟବସାୟୀ ବନ୍ଧୁ ସହଯୋଗ କରିଥିବା ଦେଖିବାକୁ ମିଳିଛି। ଅବସରପ୍ରାପ୍ତ ସୈନିକ ନାଥଙ୍କ ଏତାଦୃଶ କାର୍ଯ୍ୟକୁ ଜନସାଧାରଣ ପ୍ରଶଂସା କରିଛନ୍ତି।

# ସମ୍ବର୍ଦ୍ଧିତ ହେଲେ ବରିଷ୍ଠ କର୍ମକର୍ତ୍ତା, ଗାଁର ଝିଅଜ୍ୱାଇଁ

### ଶ୍ରୀରାମ ଚରିତ ମାନସ ରୌପ୍ୟ ଜୟନ୍ତୀ

ଡେରାବିଶ, ୧୯।୧୧(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିକେଶ୍ୱରପୁରସ୍ଥ ଶ୍ରୀରାମ ଚରିତ ମାନସ ପରିଷଦର ରୌପ୍ୟ ଜୟନ୍ତୀ ସମାରୋହ ପାଳନ କରାଯାଇଛି। ଏହି ଅବସରରେ ପରିଷଦର ବରିଷ୍ଠ କର୍ମକର୍ତ୍ତା, ଗ୍ରାମର ବିବାହିତ ଝିଅ ଓ ଜ୍ୱାଇଁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ ସଭାରେ ପରିଷଦର ସଭାପତି ଶରତ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପ୍ରେମସାଗର ସନ୍ଥ ମନୋହର ଦାସମହାରାଜ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ପ୍ରବଚକ ପ୍ରଫେସର ଦୀନବନ୍ଧୁ ରାଉତ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଗାଳ୍ପିକ ଡ. ଯଶୋବନ୍ତ ସାମଲ, ମାନସର ବ୍ୟାସ ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, ଡେରାବିଶ ତହସିଲଦାର ପ୍ରଜ୍ଞାପାରମିତା ପୃଷ୍ଟି, ମଲ୍ଲିକେଶ୍ୱର ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ବେହେରା ଯୋଗଦେଇଥିଲେ। ଅନୁଷ୍ଠାନ ଆରମ୍ଭର ବରିଷ୍ଠ କର୍ମକର୍ତ୍ତା, ଆୟୋଜକ ଓ ସହଯୋଗୀମାନଙ୍କୁ ରୌପ୍ୟ ଜୟନ୍ତୀ ଅବସରରେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଗ୍ରାମର ବିବାହିତ ଝିଅ ଏବଂ ତାଙ୍କ ସ୍ୱାମୀମାନଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ପରିଷଦର ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କ୍ଷଣପ୍ରଭା ଷଡଙ୍ଗୀ ସଭା ସଂଯୋଜନା କରିଥିଲେ। ପରିଷଦର ସଭ୍ୟ ସରୋଜକାନ୍ତ ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ ପରିଷଦର ବରିଷ୍ଠ ସଦସ୍ୟ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରମୋଦ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅକ୍ଷୟ ନାୟକ ଓ ପରିଷଦର ଅନ୍ୟ ସଭ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

## ୩୦ତମ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ

ରାଜକନିକା, ୧୯।୧୧(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଅଧୀନ ନହୁଣି-ପେଗରପଡ଼ା ପଞ୍ଚାୟତ ମଧ୍ୟସ୍ଥଳ ମା' ଗାୟତ୍ରୀ ଶକ୍ତି ପୀଠ ପ୍ରାଙ୍ଗଣ ପଡ଼ିଆଠାରେ ଗାୟତ୍ରୀ କ୍ରୀଡ଼ା ଓ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ୩୦ତମ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଆଧାତ୍ମିକ ଯଜ୍ଞାନୁଷ୍ଠାନରେ ମୁଖ୍ୟ ଅତିଥି ଭାବେ ବିଧାୟକ ତଥା ରାଜ୍ୟ ଶକ୍ତି, ଶିଳ୍ପ ଓ ଲଘୁ ଉଦ୍ୟୋଗ ବିଭାଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ଆନୁଷ୍ଠାନିକ ଭାବେ ଧର୍ମଧ୍ୱଜା ଉତ୍ତୋଳନ କରି ଯଜ୍ଞର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜକନିକା ବ୍ଲକ ଅଧ୍ୟକ୍ଷା ମିନତି ରାଉତ, ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଯଜ୍ଞାନୁଷ୍ଠାନକୁ କେନ୍ଦ୍ରାପଡ଼ା ଜିଲା ତଥା ରାଜକନିକା ବ୍ଲକ ଗାୟତ୍ରୀ ପରିବାର ସମନ୍ୱୟ ସମିତି ସହଯୋଗରେ ପରିବ୍ରାଜକ ରବିନାରାୟଣ ପତିଙ୍କ ସହ ପରିବାରର ଭଉଣୀଭାଇମାନେ ସଞ୍ଚାଳନ କରିଥିଲେ। ପରିଷଦର ସଭାପତି ଦିଲୀପ କୁମାର ବାରିକ, ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା, ପୂର୍ବତନ ସଭାପତି ଶ୍ରୀନିବାସ ପ୍ରଧାନ, ସରପଞ୍ଚ ତ୍ରିଲୋଚନ ବିଶ୍ୱାଳ, ପଣ୍ଡିତ ନିରଞ୍ଜନ ପଣ୍ଡାଙ୍କ ସମେତ ପରିଷଦର ଅନ୍ୟ ସଭ୍ୟାସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଏହି ଯଜ୍ଞାନୁଷ୍ଠାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ଲବ୍ଧପ୍ରତିଷ୍ଠିତ ଯାତ୍ରାନୁଷ୍ଠାନରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଲକ୍ଷ୍ୟକରି ଆଇନ ଶୃଙ୍ଖଳା ଦୃଷ୍ଟିରୁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

# ଅଧାରୁ କାମ ଛାଡ଼ି ଠିକାଦାର ପଳାଇଲେ,ଲୋକେ ହୀନସ୍ତା

### ଦୋସିଆଛକରୁ ବ୍ରହ୍ମପୁର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ

ପଟ୍ଟାମୁଣ୍ଡାଇ, ୧୯।୧୧(ଅକ୍ଷୟ ବିଶ୍ୱାଳ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବିଲିକଣା ପଞ୍ଚାୟତ ଦେସିଆଛକଠାରୁ ବ୍ରହ୍ମପୁର ପର୍ଯ୍ୟନ୍ତ ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତା କାର୍ଯ୍ୟ ଅଧାରୁ ଛାଡି ଠିକାଦାର ପଳାଇଛନ୍ତି। ରାସ୍ତାରେ ମେଟାଲ ପକାଯାଇଥିଲେ ମଧ୍ୟ ଏହାକୁ ରୋଲିଂ କରା ନ ଯିବାରୁ ଯାତାୟତ ଠପ ହୋଇଯାଇଛି। ଏହି ରାସ୍ତା ଦେଇ ରାତିରେ ଯିବା ଆସିବା କରୁଥିବା ଲୋକମାନେ ପଡି ଖଣ୍ଡିଆଖାବରା ହେଉଛନ୍ତି। ଅନ୍ୟପକ୍ଷରେ ଗାଡିମୋଟର ଯିବା ଆସିବା ସମୟରେ ନାନା ସମସ୍ୟା ସୃଷ୍ଟି ହେଉଛି। ବିଭାଗୀୟ ଅଧିକାରୀଙ୍କ ଅଙ୍କୁଶ ରହୁ ନ ଥିବାରୁ ସମ୍ପୃକ୍ତ ଠିକାଦାର ଏପରି ଦୀର୍ଘଦିନ ହେବ ରାସ୍ତା କାମ ଅଧାରୁ ଛାଡି ଚାଲିଯାଇଛନ୍ତି ବୋଲି ବ୍ରହ୍ମପୁର ଗ୍ରାମବାସୀଙ୍କ ସମେତ ଯୁବନେତା ଜ୍ୟୋତି ପ୍ରକାଶ ପ୍ରଧାନ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ସହକାରୀ ଯନ୍ତ୍ରୀ ବିନୋଦ ଦାଶଙ୍କୁ ପଚାରିବାରେ ଠିକାଦାର କାମ ଛାଡ଼ି ପଳାଇ ଯାଇଛନ୍ତି, କିନ୍ତୁ ଆମେ ତାଙ୍କୁ ଛାଡିବୁ ନାହିଁ ତାଙ୍କ ବିଲ ଅଛି ନେବାକୁ ସେ ଆସିବେ, ଆବଶ୍ୟକ ପଡ଼ିଲେ ନିର୍ବାହୀ ଅଧିକାରୀଙ୍କ ଅଫିସରେ ଏହାର ସମାଧାନ କରାଯିବ। ବେଆଇନ ଭାବେ କାର୍ଯ୍ୟକୁ ଆମ ବିଭାଗ ଆଦୌ ପ୍ରଶୟ ଦେବେ ନାହିଁ ବୋଲି ସେ କହିଛନ୍ତି। କେବେ କାମ ଶେଷ ହେବ ଲୋକେ ଯାତାୟାତ କରିବେ ବୋଲି ଗ୍ରାମବାସୀ କହିଛନ୍ତି।

# ପାଟକୁରା କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧୀ ଜୟନ୍ତୀ

ପାଟକୁରା, ୧୯।୧୧(ରବୀନ୍ଦ୍ର ନାଥ ବାରିକ)



ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋଙ୍କ ସମେତ ଅନ୍ୟମାନେ।

ପାଟକୁରା କଂଗ୍ରେସ ପକ୍ଷରୁ ଦଳୀୟ କାର୍ଯ୍ୟାଳୟ ବନ୍ଧାସାହିଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୧୦୭ତମ ଜୟନ୍ତୀ ପାଳନ କରାଯାଇଛି। ଏଥିରେ ବ୍ଲକ କଂଗ୍ରେସ କମିଟି ସଭାପତି ଜ୍ୟୋତି ରଞ୍ଜନ ପରିଡ଼ାଙ୍କ ସଭାପତିତ୍ୱରେ ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ଯୋଗଦେଇ ସ୍ୱର୍ଗତା ଗାନ୍ଧୀ କିଭଳି ଭାରତ-ପାକିସ୍ତାନ ଯୁଦ୍ଧ ସହ ସବୁଜ ବିପ୍ଳବ, ବ୍ୟାଙ୍କ ଜାତୀୟକରଣ, ବ୍ଲୁ ଷ୍ଟାର ଅପରେଶନ ଭଳି କାର୍ଯ୍ୟ କରିବା ଓ ଜରୁରିକାଳୀନ ପରିସ୍ଥିତିରେ ବିବାଦୀୟ ହୋଇଥିଲେ ମଧ୍ୟ ତାଙ୍କର ଭାରତବର୍ଷ ପାଇଁ ଅତୁଳନୀୟ ଅବଦାନର ଗୁଣଗାନ କରିଥିଲେ। ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ସହ ସେ କିଭଳି କଂଗ୍ରେସ ଦଳକୁ ମଜଭୁତ କରିବା ପାଇଁ ସଦାବେଳେ ଚେଷ୍ଟିତ ଥିଲେ ବୋଲି ଅବତାରଣା କରିଥିଲେ। ଏହାଛଡା ଆସନ୍ତା ସାଧାରଣ ନିର୍ବାଚନରେ ପାଟକୁରାରେ କଂଗ୍ରେସ କିଭଳି ଭଲ କରିବ ଉପସ୍ଥିତ କର୍ମୀ ଓ ଶୁଭେଚ୍ଛୁମାନଙ୍କୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ କମିଟି ଉପସଭାପତି ନିରଞ୍ଜନ ରାଉତ, ବରିଷ୍ଠ କଂଗ୍ରେସ ନେତା ସୁବାସ ସାମଲ, ପୂର୍ବତନ ସମିତି ସଭ୍ୟ ଜ୍ୟୋତି ରଞ୍ଜନ ନାୟକ, ମିରା ସ୍ୱାଇଁ, ପ୍ରଭାତି ସେଠୀ, ସୁବାସିନୀ ଲେଙ୍କା, ଦୟାନିଧି ଜେନା, ନାରାୟଣ ରାଉତ, ପ୍ରକାଶ ପରିଡା ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ରମାକାନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ସୋଲପାଟ ଗ୍ରାମରେ ସନ୍ଥ ମନ୍ତ୍ରରାମଙ୍କ ଜୟନ୍ତୀ

ପାଟକୁରା, ୧୯।୧୧(ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ଅଧୀନ ବେଡାରି ପଞ୍ଚାୟତର ସୋଲପାଟ ଗ୍ରାମରେ ସନ୍ଥ ମନ୍ତ୍ରରାମ ମହାପୁରୁଷଙ୍କର ଜୟନ୍ତୀ ଶୁକ୍ରବାର ନାଗଚତୁର୍ଥୀରେ ପାଳନ ହୋଇଛି। ପବିତ୍ର ଚିତ୍ରୋତ୍ପଳା ନଦୀପାର୍ଶ୍ୱରେ ଅବସ୍ଥିତ ଏହି ପୀଠରେ କେଉଁ ଅନାଦି କାଳରୁ କାର୍ତ୍ତିକ ମାସ ନାଗଚତୁର୍ଥୀ ଦିନରେ ସନ୍ଥଙ୍କ ଜୟନ୍ତୀ ପାଳନ ହେଉଛି। ପ୍ରତ୍ୟୁଷରୁ ସନ୍ଥଙ୍କ ମହାସ୍ନାନ ପରେ ଭୋଗ ଲାଗି ହୋଇଥିଲା। ମାନସିକ ପୂରଣ ହୋଇଥିବା ଶ୍ରଦ୍ଧାଳୁମାନେ ଭୋଗସାମଗ୍ରୀ ଧରି ପୀଠରେ ସନ୍ଥଙ୍କୁ ଗାଦିରେ ଦର୍ଶନ କରି ଭୋଗ ଲଗାଇଥାନ୍ତି। ପ୍ରଧାନ ଆଚାର୍ଯ୍ୟ ପାଗଳ ବାବା ସନ୍ଥଙ୍କ ସମସ୍ତ ପୂଜାକାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି। ସନ୍ଧ୍ୟାରେ ବିଭିନ୍ନ ଗ୍ରାମରୁ କଳାକାର ଆସି ଭଜନ ପରିବେଷଣ କରୁଛନ୍ତି। ଏହି ମେଳାରେ ଭାଗ ନେବାକୁ ବେଡାରି, କୂଳଟୁଟି, ପାଟକୁରା, ଜଗଦଳପୁର, ମାଣ୍ଡିଆ, ରାଘବପୁର, ହରିଦାସପୁର, ବିଚଣା, ଡାଲୁଅଣୀ, ପରକଣା ପ୍ରଭୃତି ଗ୍ରାମରୁ ଶ୍ରଦ୍ଧାଳୁମାନେ ଆସନ୍ତି।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବୈଠକ




ରାଜନଗର, ୧୯।୧୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ କେରେଡାଗଡସ୍ଥିତ ଶ୍ରୀଜଗନ୍ନାଥ ନୋଡାଲ ହାଇସ୍କୁଲ ପରିସରରେ ରାଜନଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଅନିଲ କୁମାର ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ବିଭିନ୍ନ ମୌଳିକ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବିଶେଷକରି ସଭ୍ୟ ପଞ୍ଜୀକରଣ, ନିୟମିତ ବୈଠକ, ଆର୍ଥିକ ସଂସ୍କାର, ସ୍ୱାସ୍ଥ୍ୟବୀମା, ସ୍ୱାସ୍ଥ୍ୟ ଭତ୍ତା, ପେନ୍‌ସନ ପୁନଃ ନିର୍ଦ୍ଧାରଣ, ରିହାତି ଗାଡ଼ିଭଡ଼ା, ସରଳ ବ୍ୟାଙ୍କ ସେବା, ନିୟମିତ ପେନସନ ପ୍ରାପ୍ତ ଉପରେ ଆଲୋଚନା କରାଯାଇଥିଲା। ଅବସରପ୍ରାପ୍ତ ସ୍ୱର୍ଗତ କର୍ମଚାରୀ ଅନନ୍ତ ଚରଣ ମହାନ୍ତି, ଧ୍ରୁବ ଚରଣ ରାଉତ, ପୂର୍ଣ୍ଣଚନ୍ଦ୍ର ରଥ, ଶରତ କୁମାର ରାଉଳ, କଳାକାର ପ୍ରଧାନ, ପାରେଶ୍ୱର ଜେନା, ବ୍ରଜବନ୍ଧୁ ଦାସ ଓ ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ପାଇଁ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କୃପାସିନ୍ଧୁ ସାମଲ, ଦାଶରଥି ଲେଙ୍କା, ସୁକାନ୍ତ କୁମାର ତ୍ରିପାଠୀ, ଗଣେଶ ନାୟକ, ଅର୍ଜୁନ ଚରଣ ସ୍ୱାଇଁ, ଅଧିକାରୀ ସ୍ୱାଇଁ, କ୍ଷେତ୍ରବାସୀ ସ୍ୱାଇଁ, ଶରତ କୁମାର ରଥ, ଅକ୍ଷୟ କୁମାର ମିଶ୍ର, ଦୁର୍ଯ୍ୟୋଧନ ଦାସ ପ୍ରମୁଖ ଅବସରପ୍ରାପ୍ତ କର୍ମଚାରୀ ଯୋଗ ଦେଇଥିଲେ। ବୈଠକରେ ସଂଘର ସମ୍ପାଦକ ବିଜୟ କୁମାର ଜେନା ସଂଯୋଜନା କରିଥିବା ବେଳେ ଗଣେଶ୍ୱର ନାୟକ ଧନ୍ୟବାଦ ଦେଇଥିଲେ।

## ସମବାୟ ସମିତିର ସମ୍ପାଦକ, ଡିଓ ସମ୍ବର୍ଦ୍ଧିତ

ଆଳି,୧୯।୧୧(ବନମାଳୀ ସେନାପତି )

ସମବାୟ ସପ୍ତାହ ପାଳନ ଅବସରରେ କେନ୍ଦ୍ରାପଡ଼ା ଜିଲାସ୍ତରୀୟ ସମବାୟ ମହୋତ୍ସବରେ ଆଳି ବ୍ଲକର ୨ ଶ୍ରେଷ୍ଠ ସମବାୟ କର୍ମଚାରୀ ପାଇଁ ସମ୍ବର୍ଦ୍ଧିତ ହୋଇଛନ୍ତି। ଏଆରସିଏସ୍ ସନ୍ତୋଷ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ଉପ ଜିଲାପାଳ ରବୀନ୍ଦ୍ର ପ୍ରଧାନ, ନାବାର୍ଡଡିଡିଏମ୍‌ଅଶୋକ ଆଚାର୍ଯ୍ୟ ପ୍ରମୁଖଙ୍କ ସମେତ ଅନ୍ୟ ଅତିଥିମାନେ ଯୋଗଦେଇ ଜିଲାର ବିଭିନ୍ନ ସମବାୟ ସମିତିରେ କାର୍ଯ୍ୟ କରୁଥିବା ୧୯ ଜଣ କର୍ମକର୍ତ୍ତାଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ଅତିଥିମାନେ ଆଳି ବ୍ଲକ ଦେମାଳ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ସତ୍ୟରଞ୍ଜନ ମଲ୍ଲିକ ଓ ବାଟିପଡା ସମବାୟ ସମିତିର ଡାଟା ଏଣ୍ଟ୍ରି ଅପରେଟର ସିଦ୍ଧାର୍ଥ ରାୟଙ୍କୁ ସମ୍ମାନିତ କରିଛନ୍ତି। ମଲ୍ଲିକ ଓ ରାୟ ଉତ୍ତମ କାର୍ଯ୍ୟ ନିମନ୍ତେ ସମ୍ବର୍ଦ୍ଧିତ ହେବା ପରେ ସହକର୍ମୀମାନେ ଅଭିନନ୍ଦନ ଜଣାଇଛନ୍ତି।

# ଖଡ଼ିଅଣ୍ଟାଠାରୁ ବଡ଼ପଡ଼ା ରାସ୍ତା ନିମ୍ନମାନର ମରାମତି ଅଭିଯୋଗ

ପଟ୍ଟାମୁଣ୍ଡାଇ,୧୯।୧୧(ଅକ୍ଷୟ ବିଶ୍ୱାଳ)



ରାସ୍ତାର କାମ ନିମ୍ନମାନର ହେଉଛି।

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଉଡିକଣ ଅଳର ଖଡିଅଣ୍ଟାଠାରୁ ବଡ଼ପଡ଼ା ପର୍ଯ୍ୟନ୍ତ ୩ କିମି ରାସ୍ତା ମରଣଯନ୍ତା ପାଲଟିଛି। ଏହାର ମରାମତି ପାଇଁ ବଡ଼ପଡ଼ା, ଜିଗରଣ, ବାଇପଦା, ଦିହୁଡିପୁର, ଖଦାଳସାହି ପ୍ରଭୃତି ଲୋକମାନେ ଦାବି କରିଛନ୍ତି। ଏହି ରାସ୍ତାର ମରାମତି ପାଇଁ ଗତ ୧୨ ତାରିଖଠାରୁ କେନ୍ଦ୍ରାପଡ଼ାର ଜଣେ ଠିକାଦାର କାମ ଆରମ୍ଭ କରିଛନ୍ତି। ମାତ୍ର ରାସ୍ତାଟି ଖାଲଖମାରେ ପୂର୍ଣ୍ଣ ଥିଲେ ମଧ୍ୟ ଉକ୍ତ ରାସ୍ତାର ମରାମତି ଠିକ୍ ଭାବେ ହେଉ ନ ଥିବା ଜିଗରଣ, ବାଇପଦା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଜିଗରଣ ଗ୍ରାମର ଆଲୋକ ନାୟକ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ଫୋନ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଏ ନେଇ ସମ୍ପୃକ୍ତ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମରାମତି କାମ ଠିକ୍ ଭାବେ ହେଉ ନ ଥିବା ନେଇ ସାମାଜିକ କର୍ମୀ ଜ୍ୟୋତି ପ୍ରକାଶ ପ୍ରଧାନ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ରାଜଶ୍ରୀ ବେହେରାଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ସହକାରୀ ଯନ୍ତ୍ରୀ ବେହେରା ରାସ୍ତାର ତଦାରଖ କରିବେ ବୋଲି ପ୍ରଧାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ରାସ୍ତା ଉପରେ କେବଳ ପଟ୍ଟାମୁଣ୍ଡାଇ ବ୍ଲକ ନୁହେଁ ମହାକାଳପଡ଼ା ଓ ରାଜନଗର ବ୍ଲକର ହଜାର ହଜାର ଲୋକ ନିର୍ଭର କରୁଛନ୍ତି। ଏହି ରାସ୍ତା ଠିକ୍ ଭାବେ ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ମରୁଡ଼ିକୁ ନେଇ ଉଦ୍‌ବେଗ



ସ୍ୱତନ୍ତ୍ର ଅଧିବେଶନରେ ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

**ଜିଲା ପରିଷଦର ସ୍ୱତନ୍ତ୍ର ଅଧିବେଶନ**

- ଚେକ୍‌ଡ୍ୟାମ୍ ନିର୍ମାଣରେ ଦୁର୍ନୀତି ଅଭିଯୋଗ
- ଜମିରେ ମାଡୁନି ପାଣି, ଚାଷୀ ହେଉନି ଉପକୃତ
- ସଭ୍ୟଙ୍କ ପ୍ରସ୍ତାବ କାର୍ଯ୍ୟକାରୀ ହେଉ ନ ଥିବାରୁ ଉଦ୍‌ବେଗ
- ନୟାଗଡ଼ ବିଦ୍ୟୁତ୍ ସବ୍‌ଡିଭିଜନକୁ ଫେରିବ ରଣପୁର
- ଜମିକୁ ଜଳସେଚନ ନେଇ ସମୀକ୍ଷା କରିବ ସବ୍ କମିଟି
- ସମସ୍ୟା ସମାଧାନ ପାଇଁ ଗାଁକୁ ଯାଆନ୍ତୁ ସରକାରୀ ଅଧିକାରୀ

**ନୟାଗଡ଼,୧୯।୧୧(ଲୋକନାଥ ମିଶ୍ର)**

ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନରେ ଜିଲା ପରିଷଦର ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲାପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚାରୁ କୁମାର ବଳ ପ୍ରମୁଖ ଯୋଗ ଦେଇଥିଲେ । ଚଳିତ ଖରିଫ ଋତୁରେ ଧାନ ମରୁଡ଼ିକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା । ସ୍ୱଳ୍ପ ବୃଷ୍ଟି ଯୋଗୁ ଡ଼ିପ ଅଞ୍ଚଳ ୧୮ ହଜାର ହେକ୍ଟର ଜମିରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି । ୨୨୦୦ ହେକ୍ଟର ଜମି ଜଳସେଚିତ ହୋଇଥିବାରୁ ବହୁ କଷ୍ଟରେ ପାଣି ମାଡ଼ିଛି । ତେବେ କ୍ରପ୍ କଟିଂ ରିପୋର୍ଟ ମିଳିବା ପରେ ମରୁଡ଼ି ନେଇ ଜଣାପଡ଼ିବ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି । ଜମିକୁ ଜଳସେଚିତ କରିବାକୁ ଜଳସେଚନ, ଉଠାଜଳସେଚନ, କାଡା, ଡ୍ରେନେଜ ପରି ବିଭାଗ କାମ କରୁଥିଲେ ହେଁ ଜିଲାରେ କେତେ ପ୍ରତିଶତ ଜମି ଜଳସେଚିତ ଜଣାପଡ଼ି ନ ଥିଲା । ତେବେ ଖରିଫ ଋତୁରେ ୪୬ ପ୍ରତିଶତ ଜମି ପାଇଁ ଜଳସେଚିତ ସୁବିଧା ଅଛି ବୋଲି କୃଷି ବିଭାଗ ପକ୍ଷରୁ ସଫେଇ ଦିଆଯାଇଥିଲା, ଯାହାକି ସଭ୍ୟମାନଙ୍କୁ ସନ୍ତୁଷ୍ଟ କରି ପାରି ନ ଥିଲା । ଉଠାଜଳସେଚନ ବିଭାଗର ଅଧିକାଂଶ ପ୍ରକଳ୍ପ ଅଚଳ ଯୋଗୁ ଜଳସେଚିତ ଜମି ଉପରେ ସଭ୍ୟ ପ୍ରଶ୍ନ ଉଠାଇଥିଲେ । ଏଣୁ କୃଷି ପାଇଁ ଏକ ସ୍ୱତନ୍ତ୍ର ବୈଠକ ହେବ। ସେହିପରି ଜଳସେଚନ ବ୍ୟବସ୍ଥାକୁ ବଦଳାଇବାକୁ ଜିଲା ପରିଷଦର ସଭ୍ୟମାନଙ୍କୁ ନେଇ ଏକ ସବ୍ କମିଟି ଗଠନ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଛି । ସଂପୃକ୍ତ କମିଟି ଜଳସେଚନ ବ୍ୟବସ୍ଥାକୁ ସମୀକ୍ଷା କରି ଚାଷୀ ଓ ଚାଷ ପାଇଁ ସୁବିଧା କରନ୍ତୁ । ନୟାଗଡ଼ ଜିଲା ଏକ ପାହାଡ଼ିଆ ଅଞ୍ଚଳ ହୋଇଥିବାବେଳେ ଏଠାରେ ଛୋଟ ଛୋଟ ଚେକ୍ ଡ୍ୟାମ୍ ନିର୍ମାଣର ଆବଶ୍ୟକତା ରହିଛି । ତେବେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ କରାଯାଉଥିବା ଚେକ୍ ଡ୍ୟାମ୍ ନିର୍ମାଣର ମାନ ଓ ସ୍ଥାନ ଚୟନ ନେଇ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଥିଲା । ଚେକ୍‌ଡ୍ୟାମ୍ ଜମିକୁ ଜଳସେଚିତ କରିପାରୁ ନାହିଁ । ପୁଣି ଜଳସ୍ତରକୁ ବଢ଼ାଇବାରେ ସହଯୋଗ କରୁ ନାହିଁ । ଯେଉଁଠାରେ ଚେକ୍‌ଡ୍ୟାମ୍ ହେଉଛି ସେଠାରେ ବାଲି ପାଇଁ କରାଯାଉଛି କି ପ୍ରଶ୍ନ ଉଠିଥିଲା । ଚାଷୀଙ୍କ ପ୍ରସ୍ତାବକୁ ଭିତ୍ତି କରି ଚେକ୍‌ଡ୍ୟାମ୍ ନିର୍ମାଣ ହେଉଥିବା କ୍ଷୁଦ୍ର ଜଳସେଚନ ବିଭାଗର ଯନ୍ତ୍ରୀ ସଫେଇ ଦେଇ ଅପଦସ୍ତ ହୋଇଥିଲେ । ସେହିପରି ଜିଲା ପରିଷଦ ସଭ୍ୟଙ୍କ ପ୍ରସ୍ତାବ ସତ୍ତ୍ୱେ ଅନେକ ବନ୍ଧର ପୁନରୁଦ୍ଧାର କରାଯାଉନି । ନୂଆ ବନ୍ଧ ପ୍ରସ୍ତାବ ଅଣଦେଖା କରାଯାଉଛି । କ୍ଷୁଦ୍ର ଜଳସେଚନ ବିଭାଗର କାର୍ଯ୍ୟକୁ ଅନୁଧ୍ୟାନ କରିବାକୁ ଗୃହ କମିଟି ଗଠନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି । ରଣପୁର ନୟାଗଡ଼ର ହୋଇଥିଲେ ହେଁ ଖୋର୍ଦ୍ଧା ଜିଲାର ବାଲୁଗାଁ ବିଦ୍ୟୁତ୍ ସବ୍‌ଡିଭିଜନରେ ରହିଛି । ସେହିପରି ବୋଲଗଡ଼ ଖୋର୍ଦ୍ଧା ଜିଲାର ହୋଇଥିଲେ ହେଁ ନୟାଗଡ଼ ବିଦ୍ୟୁତ୍ ଡିଭିଜନରେ ରହିଛି । ବୋଲଗଡ଼ ଖୋର୍ଦ୍ଧା ବିଦ୍ୟୁତ୍ ଡିଭିଜନକୁ ଓ ରଣପୁର ନୟାଗଡ଼ ବିଦ୍ୟୁତ୍ ସବ୍‌ଡିଜନକୁ ଫେରିବାକୁ ପ୍ରସ୍ତାବ ଗୃହୀତ ହୋଇଛି । ସରକାରୀ ବାବୁମାନେ ଗାଁକୁ ଯାଇ ଲୋକଙ୍କ ସମସ୍ୟା ସମାଧାନ କରିବାକୁ ପ୍ରସ୍ତାବ ଆସିଛି ।

ସେହିଭଳି ଜିଲାରେ ୬୩୫ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ କରାଯାଇଛି । ଏଥିରୁ ୪୫୫ ପ୍ରକଳ୍ପ ସଚଳ ଥିବାବେଳେ ୧୮୦ ପ୍ରକଳ୍ପ ଅଚଳ ରହିଛି । ଅଚଳ ପ୍ରକଳ୍ପରୁ ୭୭ ପ୍ରକଳ୍ପ ପୁନରୁଦ୍ଧାର ହେବ। ତେବେ ଅଧିକାଂଶ ଉଠାଜଳସେଚନ ପ୍ରକଳ୍ପ ଅଚଳ ରହୁଛି । କେଉଁଠି ଟ୍ରାନ୍ସଫର୍ମର ପୋଡ଼ି ଓ ଚୋରି ହୋଇଛି ତ ଆଉ କେଉଁଠି ବିଦ୍ୟୁତ୍ ତାର ଛିଣ୍ଡି ଯାଇଛି । କେଉଁଠି ବ୍ୟବହାର ନ ହୋଇ ଅଧିକ ବିଦ୍ୟୁତ୍ ବିଲ୍ ଆସୁଥିବାରୁ ଚାଷୀ ହଇରାଣ ହେଉଥିବା ସଭ୍ୟମାନେ ପ୍ରକାଶ କରିଥିଲେ । ସେହିପରି ମେଗା ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ଧିମେଇ ଚାଲିଥିବାରୁ କାର୍ଯ୍ୟରେ ତ୍ୱରାନ୍ୱିତ ଆଣିବାକୁ ଆରଡବ୍ଲ୍ୟୁଏସ୍ଏସ୍‌କୁ କୁହାଯାଇଛି । ପୁଣି ନଳକୂପ ଖନନର ଟାର୍ଗେଟ ଶୀଘ୍ର ଶେଷ କରିବାକୁ କୁହାଯାଇଛି । ଗୋପାଳପୁର ତାଳଚେର ରେଳପଥ କଣ୍ଟିଲୋ, ଓଡ଼ଗାଁ, ଶରଣକୁଳ ପରି ୫ଟି ପର୍ଯ୍ୟଟନସ୍ଥ ଦେଇ ଯିବାର ଥିଲା । ତେବେ ଏହା ପରିବର୍ତ୍ତିତ ହେବାରୁ ପୂର୍ବ ସର୍ଭେ ମୁତାବକ ରେଳପଥ ୫ଟି ପର୍ଯ୍ୟଟନ ଅଞ୍ଚଳ ଦେଇ ନେବାକୁ ପ୍ରସ୍ତାବ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି । ସେହିପରି କୁସୁମୀ ବ୍ୟାରେଜ, ଏମ୍‌ଜିଏନ୍‌ଆରଇଜିଏସ୍ ଉପରେ ଆଲୋଚନା ହୋଇଥିଲା । ସଭ୍ୟ ରାମେଶ୍ୱର ଶତପଥୀ, ସରୋଜ ରଣସିଂହ, ସଂଯୁକ୍ତା ପଢ଼ିହାରୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ପ୍ରକାଶଯେ ୨୪ ଜଣ ଜିଲା ପରିଷଦ ସଭ୍ୟଙ୍କ ମଧ୍ୟରୁ ୧୧ ଜଣ ଗତ ସେପ୍ଟେମ୍ବର ୧୬ ବୈଠକରେ ଅନୁପସ୍ଥିତ ଥିବାରୁ ଜିଲା ପରିଷଦ ବୈଠକ ବାତିଲ କରିବାକୁ ଦାବି ହୋଇଥିଲା । ତେବେ ଏକ ସ୍ୱତନ୍ତ୍ର ଅଧିବେଶନ କରିବାକୁ ସର୍ବସମ୍ମତି କ୍ରମେ ମତ ପ୍ରକାଶ ପାଇବାରୁ ବୈଠକ ବାତିଲ ହୋଇ ନ ଥିଲା ।

# ଗୋ ସମ୍ବର୍ଦ୍ଧନା ସମାରୋହ


ଗୋ ସମ୍ବର୍ଦ୍ଧନା ସମାରୋହରେ ମଞ୍ଚାସୀନ ଅତିଥି।

**ଦଶପଲ୍ଲା,୧୯।୧୧( ପ୍ରକାଶ କୁମାର ପାଣି)**

ରବିବାର ଦଶପଲ୍ଲା ବ୍ଲକର ଜାନିସାହିଠାରେ ୭୨ ତମ ଗୋ-ସମ୍ବର୍ଦ୍ଧନା ସମାରୋହ ଜାତୀୟ ପ୍ରାଣୀଧନ ମିଶନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ପ୍ରଶାନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ବସନ୍ତ ପ୍ରଧାନ, ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ବ୍ଲକ ଉପାଧ୍ୟକ୍ଷା ଅନୁପମା ବେହେରା, ଜାନିସାହି ସରପଞ୍ଚ ବରୁଣ ପାତ୍ର, ସମିତି ସଭ୍ୟ ଧ୍ରୁବ ଚରଣ ପ୍ରଧାନ ଏବଂ ଦଶପଲ୍ଲା ମଣ୍ଡଳ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ଆଚାର୍ଯ୍ୟ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଗୋ-ପୂଜନ କରାଯାଇଥିଲା। ଅତିଥି ବୃନ୍ଦ ଗୋ-ସମ୍ବର୍ଦ୍ଧନାର ମାହାତ୍ମ୍ ତଥା ସରକାରୀ ଯୋଜନା ବିଷୟରେ ଉପସ୍ଥିତ ଲୋକମାନଙ୍କୁ ଅବଗତ କରାଇଥିଲେ । ଏଥିସହିତ ଏକ କୃଷକ-ବୈଜ୍ଞାନିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ସପ୍ତାହ ପାଳନ ପରିପ୍ରେକ୍ଷୀରେ ଭାପୁର, ଖଣ୍ଡପଡ଼ା, ରଣପୁର ଏବଂ ନୟାଗଡ଼ଠାରେ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ୧୫୦ରୁ ଊର୍ଦ୍ଧ୍ୱ ଚାଷୀ ତଥା ଜିଲାର ସମସ୍ତ ପ୍ରାଣୀ ଚିକିତ୍ସକ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ତଥା ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀମାନେ ଯୋଗଦେଇ ଥିଲେ । ଗୋ-ପ୍ରଦର୍ଶନୀ ତଥା ଗୋ-ବତ୍ସା ପ୍ରଦର୍ଶନୀରେ ଭାଗ ନେଇଥିବା ଗୋ-ପାଳକମାନଙ୍କୁ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡା. ବିଭୁ ପ୍ରସାଦ ଶତପଥ ମଞ୍ଚ ପରିଚାଳନା କରିଥିଲେ । ଡା. ସୌମ୍ୟଜିତ୍ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଦଶପଲ୍ଲାର ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସୌମ୍ୟଜିତ ରାଉତ, ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ସିଦ୍ଧାନ୍ତ ଶେଖର ସାହୁ ,ବାଣୀଗୋଚ୍ଛା ପ୍ରାଣୀ ଚିକିତ୍ସକ ଡା. ସିକିତା ଗୌଡ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳାନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ୧୮୦୮କୋଟି ୫୬ ଲକ୍ଷ ଟଙ୍କାର ବଜେଟ ପାରିତ



ଜିଲା ଯୋଜନା ବୈଠକରେ ଜିଲାପାଳ ଓ ଅନ୍ୟମାନେ।

**ଜିଲା ଯୋଜନା କମିଟି ବୈଠକ**

- ପର୍ଯ୍ୟଟନ ପାଇଁ ବଜେଟ୍ ନ ଥିବାରୁ ଉଦ୍‌ବେଗ

**ନୟାଗଡ଼,୧୯।୧୧(ଲୋକନାଥ ମିଶ୍ର)**

ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନରେ ଜିଲା ଯୋଜନା କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଓ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚାରୁ କୁମାର ବଳ ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୧୮ଶହ ୮ କୋଟି ୫୬ ଲକ୍ଷ ଟଙ୍କାର ବଜେଟ୍ ପାରିତ ହୋଇଛି । ପ୍ଲାନିଂ କମିଟିର ଡେପୁଟି ଡାଇରେକ୍ଟର ବିଦ୍ୟାଧର ନାୟକ ବଜେଟ୍ ପାରିତ କରିଥିଲେ । ଗତ ବର୍ଷ ବଜେଟ୍‌ରେ ୧୨୩୨ କୋଟି ୨୨ ଲକ୍ଷ ୬୧ ହଜାର ବଜେଟ୍ ହୋଇଥିବାବେଳେ ୧ ହଜାର ୭ କୋଟି ୯୯ ଲକ୍ଷ ୭୪ ହଜାର ଖର୍ଚ୍ଚ ହୋଇଛି । ବଜେଟ୍‌ରେ କୃଷି ପାଇଁ ଅଧିକ ରହିଛି । କୃଷି ପାଇଁ ୬୮ କୋଟି ୩୦ ଲକ୍ଷ ୫୬ ହଜାର ଟଙ୍କା ବ୍ୟବସ୍ଥା ଥିବାବେଳେ ପର୍ଯ୍ୟଟନ ପାଇଁ କିଛି ବ୍ୟବସ୍ଥା ନାହିଁ । ନୟାଗଡ଼ ଜିଲାରେ ପର୍ଯ୍ୟଟନ ପୀଠଗୁଡିକ ଅବହେଳିତ ଅବସ୍ଥାରେ ଥିବାବେଳେ ପର୍ଯ୍ୟଟନ ପାଇଁ ବଜେଟ୍ ନ ଥିବା ଘଟଣା ସଭ୍ୟମାନେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ କରିଥିଲେ । ପୁଣି ଥରେ ଅତିରିକ୍ତ ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ତେବେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ୩୭ କୋଟି୯୦୯ ଲକ୍ଷ ୭୪ ହଜାର, ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ପାଇଁ ୨୦ କୋଟି ୬୪୩ ଲକ୍ଷ ୧୧ ହଜାର, ଶିଳ୍ପ ଓ ଖଣିଜ ପଦାର୍ଥ ପାଇଁ ୧୩ କୋଟି ୧୮ ଲକ୍ଷ ୨୩ ହଜାର, ପରିବହନ ପାଇଁ ୫୧ କୋଟି ୨୮୧ ଲକ୍ଷ ୩୩ ହଜାର, ସାମାଜିକ ସମୀକ୍ଷା ପାଇଁ ୫୬ କୋଟି ୩୮୭ ଲକ୍ଷ ୬୯ ହଜାର, ବିଦ୍ୟୁତ୍ ପାଇଁ ୭୦୧ କୋଟି, ବିଜ୍ଞାନ, ବୈଷୟିକ ଓ ପରିବେଶ ପାଇଁ ୨୯୧ କୋଟି ୬୫ ହଜାର, ସାଧାରଣ ଅର୍ଥନୀତି ପାଇଁ ୫୪ କୋଟି ୯୩ ଲକ୍ଷ ରହିଛି । ସଭ୍ୟମାନଙ୍କର ଉଦ୍‌ବେଗକୁ ଲକ୍ଷ୍ୟ କରି ପ୍ଲାନିଂ କମିଟିର ଡେପୁଟି ଡାଇରେକ୍ଟର ଓ ଅଧ୍ୟକ୍ଷ କହିଥିଲେ ସମୟ ଅଭାବରୁ ରବିବାର ବୈଠକ କରାଯାଇଛି। ଅନ୍ୟପକ୍ଷେ ପର୍ଯ୍ୟଟନ ବିଭାଗର କିଛି ବଜେଟ ନ ଥିବା ପ୍ରକାଶ କରିଥିଲେ । ପୁଣି ଥରେ ଯୋଗାଯୋଗ କରି ବଜେଟ୍‌ରେ ସ୍ଥାନିତ କରାଯିବ ବୋଲି କହିଛନ୍ତି।

# ରାମେଶ୍ୱର ଯାତ୍ରା କମିଟି ସଦସ୍ୟଙ୍କ ସ୍ୱଚ୍ଛତା କାର୍ଯ୍ୟକ୍ରମ


ଯାତ୍ରା କମିଟି ସଦସ୍ୟମାନେ ସଫେଇ କରୁଛନ୍ତି ।

**ନୂଆଗାଁ,୧୯।୧୧ (ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ଉଠାଣିସାହି ବାବା ରାମେଶ୍ୱର ଯାତ୍ରା କମିଟି ସଦସ୍ୟଙ୍କ ଦ୍ୱାରା ରବିବାର ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛତା ପାଇଁ ସରକାର ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି । ଏପରି କି ଗାଁର ଅଳିଆ ଆବର୍ଜନାକୁ ସଫା କରିବାଠାରୁ ଆରମ୍ଭ କରି ସେଗୁଡ଼ିକୁ ବୋହି ନେବା ପାଇଁ ଟ୍ରଲି ସାଇକେଲ ଯୋଗାଇ ଦିଆଯାଇଛି । ତାକୁ ଚଳାଇବା ପାଇଁ ପାରିଶ୍ରମିକ ଦେବାର ବ୍ୟବସ୍ଥା କରାଯାଇଛି । ଅଳିଆ ଆବର୍ଜନାକୁ ପୃଥକୀକରଣ କରି ପକାଇବା ପାଇଁ ଦେଢ ଲକ୍ଷ ଟଙ୍କା ବ୍ୟୟରେ ପୃଥକୀକରଣ ଗୃହ ନିର୍ମାଣ କରାଯାଇଛି । ଏଗୁଡ଼ିକୁ ବ୍ୟବହାର କରି ସ୍ୱଚ୍ଛ ରଖିବା ପାଇଁ ଜନ ସଚେତନ କାର୍ଯ୍ୟକ୍ରମ ସହ ପଞ୍ଚାୟତଠାରୁ ବ୍ଲକ ପର୍ଯ୍ୟନ୍ତ ବୈଠକ କରାଯାଉଛି। ଏତେ ସବୁ ପରେ ବି ଗାଁଗୁଡିକରେ ସ୍ୱଚ୍ଛତା ଫେଲ ମାରିଥିବା ଅଭିଯୋଗ ହେଉଛି । କିନ୍ତୁ ନୂଆଗାଁ ଉଠାଣିସାହିରେ ଥିବା ବାବା ରାମେଶ୍ୱର ଯାତ୍ରା କମିଟର ସଦସ୍ୟ ସ୍ୱଚ୍ଛତା ପ୍ରତି ଦୃଷ୍ଟି ଦେବା ସହ ବିଭିନ୍ନ ସମୟରେ ସଫେଇ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି । ସେହିପରି ରବିବାର କମିଟିର ସଦସ୍ୟ ବୈଦ୍ୟନାଥ ଭୋଇ, ଅନାଦି ଚରଣ ବାଘ, ଶେଷଦେବ ସାହୁ, ପ୍ରକାଶ ମହାରଣା, କାଳିଆ ସାହୁ, ମୁନା ରଥ, ବୁଦ୍ଧିଆ ପାତ୍ର ଉତମ ଡାକୁଆ ଆଦି ପ୍ରମୁଖ ସଦସ୍ୟମାନେ ରାଜ ରାସ୍ତାଠାରୁ ସ୍କୁଲ ପରିସର, ନଳକୂଅ ପରିସର, ପୋଖରୀ କୂଳ, ମନ୍ଦିର ପରିସର ଆଦି ସଫେଇ କରି ନିଜସ୍ୱ ଖର୍ଚ୍ଚରେ ଟ୍ରାକ୍ଟର ଭଡା କରି ଅଳିଆ ଆବର୍ଜନାକୁ ବାହାରକୁ ନେଇ ଫୋପାଡି ଥିଲେ । ତେବେ ଯାତ୍ରା କମିଟ ସଦସ୍ୟଙ୍କ ଏଭଳି ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ବୁଦ୍ଧିଜୀବି ମହଲରେ ପ୍ରଶଂସା କରାଯାଇଛି ।

# ସମ୍ବର୍ଦ୍ଧନା ପରିବାରର ସାରସ୍ୱତ ସମାରୋହ

**ଶରଣକୁଳ,୧୯।୧୧(ଦୀପକ କର)**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଗୋଡ଼ିପଡ଼ା ଶିକ୍ଷାନୁଷ୍ଠାନ ଚାଣକ୍ୟ ପରିସରରେ ଶରଣକୁଳ ସମ୍ବର୍ଦ୍ଧନା ପରିବାରର ବାର୍ଷିକ ଉତ୍ସବ ତଥା ସାରସ୍ୱତ ସାମରୋହ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ସମ୍ବର୍ଦ୍ଧନା ପରିବାରର ପ୍ରତିଷ୍ଠାତା ସଦସ୍ୟ ଦୀନବନ୍ଧୁ ମହାପାତ୍ର, ଗୋଦାବରୀ ବସନ୍ତିଆ ଓ ସୁଶାନ୍ତ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ୫ ବର୍ଷ ଧରି ଅନୁଷ୍ଠିତ ଏହି ଉତ୍ସବରେ ସ୍ଥାୟୀ ସଭାପତି ନିରାକାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଓଡ଼ିଆ ବିଭାଗ ପ୍ରଫେସର ଡ.ବେଣୁଧର ଦାସ, ମୁଖ୍ୟବକ୍ତା ପ୍ରାକ୍ତନ ମନସ୍ତତ୍ତ୍ୱ ବିଭାଗ ପ୍ରଫେସର ପ୍ରତିଭା ମହାରଥୀ, ସମ୍ମାନୀତ ଅତିଥିଭାବେ ଖଡ଼ିଆଳ ମହାବିଦ୍ୟାଳୟ ଅଧ୍ୟାପିକା ଡ.ଗୀତଶ୍ରୀ ପ୍ରିୟମ୍ବଦା ଓ ସୁଶୀଳାଦେବୀ ବାଳିକା ମହାବିଦ୍ୟାଳୟ ଅଧ୍ୟାପିକା ମହାଶ୍ୱେତା ସାହୁ ପ୍ରମୁଖ ଯୋଗଦେଇ ଭାଷା ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । କବି ଦୀନବନ୍ଧୁ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦିକା ହରପ୍ରିୟା ଦ୍ୱିବେଦୀ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସାରସ୍ୱତ ସମ୍ମାନ, ବିବିଧ ସମ୍ମାନ, ସାହିତ୍ୟ ସମ୍ମାନ, ପ୍ରତିଭା ସମ୍ମାନ, ଗୌରବ ସମ୍ମାନ ଓ ଶ୍ରେଷ୍ଠ ସାମ୍ବାଦିକତା ସମ୍ମାନ ପ୍ରଦାନ କରାଯାଇଥିଲା । ୪ ପ୍ରତିଭାଙ୍କୁ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାୟ ୬୦ ଜଣ କବି ଓ କବୟତ୍ରୀ ନିଜସ୍ୱ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ କୋଷାଧ୍ୟକ୍ଷ ପରମାନନ୍ଦ ସ୍ୱାଇଁ ଓ ସଂସ୍କୃତି ସମ୍ପାଦକ ରାଜେଶ କୁମାର ଷଡ଼ଙ୍ଗୀ ପରିଚାଳନା କରିଥିଲେ। ରାଜେଶ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।


ସାରସ୍ୱତ ସମାରୋହରେ ଯୋଗଦେଇଥିବା ଅତିଥି।

**ପୃଥକ୍ ଦୁର୍ଘଟଣାରେ ୨ ଜୀବନ ଗଲା**

## ବିବାହ ପୂର୍ବରୁ ଯୁବତୀଙ୍କ ମୃତ୍ୟୁ, ବାପା ଗୁରୁତର

**ବ୍ରହ୍ମପୁର,୧୯।୧୧(ସୁବାସଚନ୍ଦ୍ରପାଢ଼ୀ):** ବ୍ରହ୍ମପୁରସହରରପୃଥକସ୍ଥାନରେସଡ଼କଦୁର୍ଘଟଣାରେ୨ଜଣଙ୍କର ମୃତ୍ୟୁ ଘଟିଛି। ଶନିବାର ରାତି ପ୍ରାୟ ୧୧ ଟାରେ ବୈଦ୍ୟନାଥପୁର ଥାନା ବିଦ୍ୟୁତିପୁରୀ କଲୋନୀ ଛକରେ କାର୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେହିପରି ରବିବାର ଅପରାହ୍ନରେ ଶ୍ରୀରାମନଗର ଛକରେ ଗାଡ଼ି ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ବାପା ଆହତ ହୋଇଛନ୍ତି। ଟ୍ରାଫିକ ପୋଲିସ ଦୁଇଟି ମାମଲା ରୁଜୁ କରିଛି। ଶେରଗଡ ଥାନା ଅନ୍ତର୍ଗତ ବଳିଆରସିଂପୁର ଗ୍ରାମର ଗୋପାଳକୃଷ୍ଣ ଅଧିକାରୀଙ୍କ ଝିଅ ଶିବାନୀ ଅଧିକାରୀ (୨୨)ଙ୍କ ଜାନୁୟାରୀ ୨ ତାରିଖରେ ବିବାହ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା।

# ଭାପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଚାନକ ସ୍କୁଲ ପରିଦର୍ଶନ


ଶିକ୍ଷାଧିକାରୀ ଛାତ୍ରୀଛାତ୍ରଙ୍କ ଶିକ୍ଷା ଉପରେ ପ୍ରଶ୍ନ ପଚାରୁଛନ୍ତି।

**ଭାପୁର,୧୯।୧୧(ଭରତ କୁମାର ବେହେରା):** ଶୁକ୍ରବାର ଭାପୁର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଶଙ୍କର୍ଷଣ ଷଡ଼ଙ୍ଗୀ, ଜିଲା ଶିକ୍ଷା ଓ ପ୍ରଶିକ୍ଷକ ସନ୍ତୋଷ କୁମାର ମିଶ୍ର ମିଳିତ ଭାବେ ଭାପୁର ବ୍ଲକର ଗୋଲାପୋଖରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଚକ୍ରଧରପ୍ରସାଦ ନୋଡାଲ ଉଚ୍ଚ ବିଦ୍ୟାଳୟ, ବାଦଭୂଇଁ ପ୍ରାଥମିକ ବିଦ୍ୟାଳୟ ଓ ବଡସହରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଅଚାନକ ପରିଦର୍ଶନରେ ଯାଇଥିଲେ। ଏହି ସମୟରେ ବିଦ୍ୟାଳୟରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମର ତଦାରଖ କରିଥିଲେ। ଉଭୟ ଅଧିକାରୀ ଅଧିକାଂଶ ବିଦ୍ୟାଳୟର ଶିକ୍ଷକମାନେ ବିଭିନ୍ନ ଶିକ୍ଷଣ ସାମଗ୍ରୀ ବହୁଳ ବ୍ୟବହାର କରୁଥିବା ଦେଖି ପ୍ରଶଂସା କରିଥିଲେ। କିନ୍ତୁ କେତେକ ବିଦ୍ୟାଳୟରେ ଉକ୍ତ କାର୍ଯ୍ୟଟି ଆଶାନୁରୂପ ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ କରି ଏହାର ପ୍ରତିକାର ନିମନ୍ତେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଭାକର ସାମନ୍ତରାୟ ଓ ସୁବାସ ଚନ୍ଦ୍ର ନାୟକ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ଉକ୍ତ କାର୍ଯ୍ୟର ତଦାରଖ କରିଥିଲେ।

# ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଶରଣକୁଳ,୧୯।୧୧(ଦୀପକ କର)**

ପ୍ରତିବର୍ଷ ଭଳି ଚଳିତବର୍ଷ ନୟାଗଡ଼ ଜିଲା ଶରଣକୁଳର ସର୍ବପୁରାତନ ଲଡୁକେଶ ଆଥ୍ଲେଟିକ ଆସୋସିଏଶନର ୬୨ତମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି । ଶରଣକୁଳ ନାରାୟଣ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେଉଥିବା ଏହି ଟୁର୍ନାମେଣ୍ଟକୁ କ୍ରୀଡ଼ା ପତାକା ଉତ୍ତୋଳନ କରି ଆସୋସିଏଶନର ସଭାପତି ତଥା ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଭୁବନେଶ୍ୱରର ଜଗା ୟୁନାଇଟେଡ଼ କ୍ଲବ୍ ସହିତ ସମ୍ବଲପୁରର ହିନ୍ଦ୍ କ୍ଲବ୍ ମଧ୍ୟରେ ମୁକାବିଲା ହୋଇଥିଲା। ଜଗା ୟୁନାଇଟେଡ଼ କ୍ଲବ୍ ୩-୦ ଗୋଲରେ ବିଜୟୀ ହୋଇଛି । ପ୍ରଥମାର୍ଦ୍ଧର କିଛି ସମୟ ପରେ ଜଗା ୟୁନାଇଟେଡ଼ କ୍ଲବର ପଏସନ ମାରାଣ୍ଡି ପ୍ରଥମ ଗୋଲ ଦେଇଥିଲେ। ପରେ

**ଉଦ୍‌ଘାଟନୀ ମ୍ୟାଚ୍‌ରେ ଜଗା ୟୁନାଇଟେଡ୍ କ୍ଲବ୍ ବିଜୟୀ**

ସେହି ଦଳର ଖେଳାଳି ପିଟର ଗୋଟିଏ ଓ ଦ୍ୱିତୀୟାର୍ଦ୍ଧରେ ପୁଣି ଏକ ଗୋଲ ସ୍କୋର କରିଥିଲେ । ଏଥିପାଇଁ ତାଙ୍କୁ ଆଜିର ମ୍ୟାଚ୍‌ର ସର୍ବଶ୍ରେଷ୍ଠ ଖେଳାଳି ପୁରସ୍କାର


ଅତିଥିଙ୍କ ଗହଣରେ ୨ଦଳର ଖେଳାଳି ।

ପ୍ରଦାନ କରାଯାଇଥିଲା । ତାଙ୍କୁ ମୁଖ୍ୟ ଅତିଥି ୧ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଶରଣକୁଳ ଜିଲା ପରିଷଦ ସଦସ୍ୟା ଚିନ୍ମୟୀ ଦାଶ, ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ରଣପୁର ବ୍ଲକର ଭାଇସ୍ ଚେୟାରମ୍ୟାନ ପ୍ରଭାତ କୁମାର ଦଳବେହେରା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ରାଜୁ ମହାନ୍ତି ମୁଖ୍ୟ ରେଫେରୀ ଭାବେ ଖେଳ ପରିଚାଳନା କରିଥିଲା ବେଳେ ଶଶିକାନ୍ତ ଦାଶିଆ, ଏମ୍‌ଡ଼ି ସକିଲ ଓ ପ୍ରଶନ୍ନ ନାୟକ ଲାଇନରେ ସହଯୋଗ କରିଥିଲେ। ସୋମବାର ୟୁନାଇଟେଡ଼ ଫୁଟବଲ କ୍ଲବ, ଗଣ୍ଡରପୁର ବନାମ ଧାନବାଦ ଫୁଟବଲ କ୍ଲବ, ବିହାର ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ଯୋଗେନ୍ଦ୍ରନାଥ ପ୍ରଧାନ ଜଣାଇଛନ୍ତି ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମହାନଦୀର ସୁବଳୟାରେ ହେବ ବ୍ୟାରେଜ

**ନୟାଗଡ଼,୧୯।୧୧(ଲୋକନାଥ ମିଶ୍ର)**

■ ୧୫୭୨ କୋଟି ମଞ୍ଜୁର ପାଇଁ ପ୍ରସ୍ତାବ
■ ନୟାଗଡ଼ ଜିଲାକୁ ଯୋଗାଣ ହେବ ପାନୀୟ ଜଳ
■ ଜଳସେଚନ ପାଇଁ ବ୍ୟବସ୍ଥା ହୋଇନି

କଟକ ଜିଲାର ସୁବଳୟା ଓ ନୟାଗଡ଼ ଜିଲା ଗଣିଆ ବ୍ଲକର ରାଉତପଡାକୁ ସଂଯୋଗ କରି ମହାନଦୀରେ ହେବ ରାଉତପଡା ବ୍ୟାରେଜ । ଏଥିପାଇଁ ୧୫୭୨ କୋଟି ଟଙ୍କା ମଞ୍ଜୁର କରିବାକୁ ରାଜ୍ୟ ସରକାରଙ୍କୁ ନୟାଗଡ଼ ଜିଲା ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି । ନୟାଗଡ଼ ଜିଲାର ପାନୀୟ ଜଳ ସମସ୍ୟାକୁ ଏଡାଇବା ପାଇଁ ଏହି ବ୍ୟାରେଜ ନିର୍ମାଣ କରିବାକୁ ଜଳସମ୍ପଦ ବିଭାଗ ନିଷ୍ପତ୍ତି ନେଇଛି। ଛତିଶଗଡ ସରକାର ଉପର ମୁଣ୍ଡରେ ବ୍ୟାରେଜ ନିର୍ମାଣ କରିଥିବାରୁ ମହାନଦୀରେ ଜଳ ଗତିପଥ ପରିବର୍ତ୍ତନ ହେଉଛି । ପୁଣି ଗ୍ରୀଷ୍ମ ଋତୁରେ ମହାନଦୀ ଶୁଖିଲା ପଡୁଛି । ନୟାଗଡ଼ ସହରରେ ଗତ ବର୍ଷ ପାନୀୟ ଜଳ ସମସ୍ୟା ଦେଖା ଦେଇଥିଲା । ଅନ୍ୟପକ୍ଷେ ଜଳସେଚନ ପାଇଁ ସେପରି କିଛି ବ୍ୟବସ୍ଥା ହୋଇନି । ପରେ ଏହା କରାଯାଇ ପାରେ ଅଥବା ନ କରାଯାଇ ପାରେ। ଜିଲା ପରିଷଦର ସ୍ୱତନ୍ତ୍ର ବୈଠକରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ବ୍ୟାରେଜ ନିର୍ମାଣ ନେଇ ତଥ୍ୟ ରଖିଥିଲେ । ଜଳସମ୍ପଦ ଅଧିକାରୀ ପ୍ରୀତମ ପୋଥାଲ ମଧ୍ୟ ଏନେଇ ସୂଚନା ଦେଇଥିଲେ । ଜିଲା ପରିଷଦ ସଭ୍ୟ ମାନେ ବ୍ୟାରେଜ ନିର୍ମାଣ ନେଇ ଅଧିକ ଆଲୋଚନା କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଏପରି କି ଜଳସେଚନରେ କାହିଁକି ଏହାର ଜଳ ବ୍ୟବହାର କରାଯାଇ ପାରିବନି ପଚାରିବାରୁ ପରବର୍ତ୍ତୀ ପର୍ଯ୍ୟାୟରେ ଚର୍ଚ୍ଚା ହେବ କୁହାଯାଇଥିଲା । କୃଷି ପାଇଁ ବ୍ୟବହାର କରାଗଲେ ଅସୁବିଧା ଅଛି କୁହାଯାଇଥିଲା । ଅନ୍ୟପକ୍ଷେ ମହାନଦୀର ପଦ୍ମାବତୀଠାରେ ବ୍ୟାରେଜ କରିବାକୁ ସରକାରଙ୍କର ପୂର୍ବରୁ ପ୍ରସ୍ତାବ ଥିଲା । କାହିଁକି କରାଗଲାନି ଜଣାପଡୁନି। ଏଠାରେ ବ୍ୟାରେଜ କରିବାକୁ ପ୍ରସ୍ତାବ ଦେବାକୁ ସଭ୍ୟ ରାମେଶ୍ୱର ଶତପଥୀ ମତ ରଖିଥିଲେ ।

**ମେଗା ଲିଫ୍ଟ ଇରିଗେଶନ ପାଇଁ ପ୍ରସ୍ତାବ:** ନୟାଗଡ଼ ଜିଲାର ଗଣିଆ, ଖଣ୍ଡପଡ଼ା ଓ ଭାପୁର ବ୍ଲକ ଦେଇ ମହାନଦୀ ପ୍ରବାହିତ ହୋଇଛି । ନଦୀ ପାଣି ନଦୀରେ ବହି ଯାଉଛି । ଏହାର ସୁଫଳ ଚାଷୀ ନେଇ ପାରୁନି । ଏଭଳିସ୍ଥଳେ ଜିଲାରେ ଜଳସେଚନ ୫୦ ପ୍ରତିଶତ ବି ହୋଇ ପାରୁନି । ମହାନଦୀରେ ମେଗା ଲିଫ୍ଟ ଇରିଗେଶନ କରିବା ପାଇଁ ସଭ୍ୟ ରାମଶ୍ୱେର ଶତପଥୀ ପ୍ରସ୍ତାବ ଦେଇଥିଲେ । ପଶ୍ଚିମାଞ୍ଚଳରେ ମେଗା ଲିଫ୍ଟ ଇରିଗେଶନ ପ୍ରକଳ୍ପ କରାଯାଇଛି । ନୟାଗଡ଼ ଜିଲାରେ କରିବାର ଅସୁବିଧା ନାହିଁ । ୮ ବର୍ଷ ତଳେ ଜଳସେଚନ ବିଭାଗର ଚିଫ୍ ଇଞ୍ଜିନିୟରଙ୍କୁ ଭେଟି ଦାବି ରଖିଥିଲେ । ଏବେ ପୁଣି ବର୍ତ୍ତମାନର ଜଳସେଚନ ବିଭାଗର ଚିଫ୍ ଇଞ୍ଜିନିୟରଙ୍କ ଚିନ୍ମୟ ରାଉତଙ୍କୁ ଭେଟି ଦାବି ରଖିଛନ୍ତି। ଏନେଇ ଗୃହରେ ଆଲୋଚନା ପରେ ଏହାର ରିଜୋଲେଶନ କରି ୱାଟର ରିସୋର୍ସ ଡିପାର୍ଟମେଣ୍ଟକୁ ପଠାଇବାକୁ ନୟାଗଡ଼ ବିଧାୟକ ଜିଲାପାଳ, ଜିଲା ପରିଷଦର ସଭାପତିଙ୍କୁ ପ୍ରସ୍ତାବ ଦେଇଥିଲେ । ଜିଲା ପରିଷଦରେ ଏନେଇ ପ୍ରସ୍ତାବ ରବିବାର ଗୃହୀତ ହୋଇଛି ।

**ପୋତି ହେଉଛି ନଦୀ ଶଯ୍ୟା, ବଦଳୁଛି ଗତିପଥ:** ନୟାଗଡ଼ ଜିଲାର ବିଭିନ୍ନ ନଦୀ ଶଯ୍ୟା ବିଭିନ୍ନ କାରଣରୁ ପୋତି ହେଉଛି । ଏପରି କି ନଦୀ ଶଯ୍ୟାରେ ଗଛ ଉଠି ନଦୀର ଗତିପଥ ପରିବର୍ତ୍ତନ ହେଉଛି । ଦଶପଲ୍ଲାର ଦୁର୍ଗାବଜାର, ମହିପୁର ଅଞ୍ଚଳକୁ ଉଦାହରଣ ନିଆଯାଇ ପାରେ । ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଜିଲା ପରିଷଦର ସ୍ୱତନ୍ତ୍ର ବୈଠକରେ ଅଲୋଚନା କରି ନଦୀଶଯ୍ୟାକୁ ଖନନ କରିବାକୁ ପ୍ରସ୍ତାବ ଦେଇଥିଲେ । ଏପରିକି ଫାର୍ମ ଲ୍ୟାଣ୍ଡ ବ୍ରିଜ କରିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ । ଡ୍ରେନେଜ ବିଭାଗ ଏ ଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ଏନେଇ ସ୍ୱତନ୍ତ୍ର ଭାବେ ଆଲୋଚନା କରିବାକୁ ପ୍ରସ୍ତାବ ରଖିଥିଲେ ।

**ଛୁଟି ଦିବସରେ ବୈଠକ:** ଜିଲା ପରିଷଦର ସ୍ୱତନ୍ତ୍ର ବୈଠକ ରବିବାର ହୋଇଥିଲା । ପୁଣି ବିଶ୍ୱ କପ୍ କ୍ରିକେଟର ମ୍ୟାଚ୍ ବି ଥିଲା । ସରକାରୀ ଅଧିକାରୀ ଓ ଜିଲା ପରିଷଦ ସଭ୍ୟ ରବିବାର ବୈଠକ କରିବାକୁ ରାଜି ନ ଥିଲେ । ତେବେ ଜିଲା ପରିଷଦ ସଭାପତିଙ୍କ ରବିବାର ବୈଠକ କରବାକୁ ଆଗ୍ରହୀ ହୋଇଥିଲେ। ରବିବାର ବୈଠକରେ ଭାରତ ବିଶ୍ୱ କପ୍ ଜିତୁ ବୋଲି ସର୍ବସମ୍ମତି କ୍ରମେ ଆଲୋଚନା କରାଯାଇଥିଲା । ତେବେ ବୈଠକ ପରେ ସରକାରୀ ଅଧିକାରୀ ଓ କେତେଜଣ ରାଜନେତା କହିଥିଲେ ଛୁଟି ଦିବସରେ ବୈଠକ ହେଲା । ହେଲେ ଆଲୋଚନା ପାଇଁ ସମୟ ଅଭାବ ରହିଲା ।

# ନୂଆଗାଁ ବ୍ଲକରେ ବିଶ୍ୱ ପାଇଖାନା ଦିବସ ପାଳିତ



ଶୌଚାଳୟ ନିର୍ମାଣ ନିମନ୍ତେ ହିତାଧିକାରୀଙ୍କୁ ଅନୁମତି ପ୍ରଦାନ କରାଯାଇଛି ।

**ନୂଆଗାଁ,୧୯।୧୧ (ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଭାଗୃହରେ ରବିବାର ବିଶ୍ୱ ପାଇଖାନା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଶୌଚାଳୟ ନିର୍ମାଣ ନିମନ୍ତେ ଯୋଗ୍ୟ ହିତାଧିକାରୀ ଚିହ୍ନଟ କରି ଅନୁମତି ପତ୍ର ବଣ୍ଟନ କରାଯାଇଛି । ସ୍ୱଚ୍ଛ ଭାରତ ଗଠନ କରି ଜାତିର ପିତା ମହାତ୍ମାଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଚେଷ୍ଟା କରାଯାଉଛି। ତେଣୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ହାତକୁ ନେଇ ସରକାର ବିଭିନ୍ନ କାର୍ଯ୍ୟ କରିବା ସହ ଜନ ସଚେତନ ସୃଷ୍ଟି କରାଯାଉଛି । ଗାଁରେ ସ୍ୱଚ୍ଛତା ରଖିବାକୁ ହେଲେ ପ୍ରତି ପରିବାରରେ ଶୌଚାଳୟ ନିର୍ମାଣ କରିବାର ଆବଶ୍ୟକତା ରହିଛି । ତେଣୁ ଶୌଚାଳୟ ନିର୍ମାଣ କରିବା ଓ ତାକୁ ବ୍ୟବହାର କରିବା ପାଇଁ ସରକାର ଜନ ସଚେତନ ସୃଷ୍ଟି କରିବା ସହ ଶୌଚାଳୟ ନିର୍ମାଣ କରିବା ନିମନ୍ତେ ଅନୁଦାନ ଦେଉଛନ୍ତି । ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମର ଗୁରୁ ଦାୟିତ୍ୱ ଗ୍ରାମ୍ୟ ପରିମଳ ବିଭାଗକୁ ଦିଆଯାଇଛି । ତେବେ ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ବ୍ଲକ ତରଫରୁ ବିଶ୍ୱ ପାଇଖାନା ଦିବସ ପାଳନ କରାଯାଇଛି । ଏହି ଅବସରରେ ଶୌଚାଳୟ ନ ଥିବା ପରିବାରକୁ ଚିହ୍ନଟ କରି ଶୌଚାଳୟ ନିର୍ମାଣ କରିବା ନିମନ୍ତେ ସରକାର ଅନୁଦାନ ଦେଉଛନ୍ତି। ସେହି କ୍ରମରେ ନୂଆଗାଁ ବ୍ଲକର ୨୫୧ ଜଣ ହିତାଧିକାରୀଙ୍କୁ ବିଶ୍ୱ ପାଇଖାନା ଦିବସରେ ଶୌଚାଳୟ ନିର୍ମାଣ ପାଇଁ ଅନୁମତି ପତ୍ର ପ୍ରଦାନ କରାଯାଇଥିବା ଗ୍ରାମ ପରିମଳ ବ୍ଲକ ସଂଯୋଜକ କାହ୍ନୁ ଚରଣ ବେହେରା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ନୂଆଗାଁ ବିଡିଓ ବାସୁଦେବ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟ ଓ ସରପଞ୍ଚ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ବ୍ଲକ ସଂଯୋଜକ ବେହେରା ପରିଚାଳନା କରିଥିଲେ ।

# ଜାନୁୟାରୀ ୧୦ରୁ ଭାପୁର ମହୋତ୍ସବ

**ଭାପୁର,୧୯।୧୧(ଭରତ କୁମାର ବେହେରା)**





ବୈଠକରେ ଯୋଗଦେଇଥିବା ଭାପୁର ମହୋତ୍ସବ କମିଟିର କର୍ମକର୍ତ୍ତା।

ଭାପୁର ମହୋତ୍ସବ ପାଇଁ ରବିବାର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାପୁର ବାଇପାସ୍ ନିକଟସ୍ଥ ଶ୍ରୀରାମ ବିହାର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ବୈଠକରେ କ୍ରିୟାନୁଷ୍ଠାନ କମିଟିର ସଭାପତି ରବିନ୍ଦ୍ର କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ଭାପୁର ମହୋତ୍ସବ କମିଟିର ସ୍ଥାୟୀ ସଭାପତି ତଥା ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସମ୍ପାଦକ ଭରତ କୁମାର ବେହେରା, ବରିଷ୍ଠ ନାଗରିକ ସଂଘ ସଭାପତି ଲକ୍ଷ୍ମୀଧର ସାମନ୍ତରାୟ, ଅବସରପ୍ରାପ୍ତ ଶିକ୍ଷକ ସଂଘର ସଭାପତି ଲକ୍ଷ୍ମୀଧର ମହାପାତ୍ର, ଭାପୁର ବିଜେଡି ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ, ଭାପୁର ବ୍ଲକ ସମିତି ସଭ୍ୟ ସଂଘର ସଭାପତି ବାଳଗୋପାଳ ଷଡ଼ଙ୍ଗୀ, ସରପଞ୍ଚ ସଂଘର ସଭାପତି ରମେଶ ପ୍ରସାଦ ରାଉତ, ଭାପୁର ପେଷାଦାର ସାମ୍ବାଦିକ ସଂଘର ସଭାପତି ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ଭାପୁର ବଣିକ ସଂଘର ସଭାପତି କାର୍ତ୍ତିକ ଚନ୍ଦ୍ର ନାୟକ, ସନ୍ତୋଷ କୁମାର ତ୍ରିପାଠୀ, ଶିକ୍ଷାବିତ୍ ରବିନ୍ଦ୍ର କୁମାର ପଟ୍ଟନାୟକ, ଗଣନାଥ ଦାଶ ପ୍ରମୁଖ ଯୋଗ ଦେଇ ନିଜର ମତ ରଖିଥିଲେ। ଦ୍ୱିତୀୟ ମହୋତ୍ସବ ଭାପୁର ମହୋତ୍ସବ ପଡ଼ିଆରେ ଜାନୁୟାରୀ ୧୦, ୧୧, ୧୨ ଓ ୧୩ ତାରିଖ ୪ଦିନ ଧରି ଅନୁଷ୍ଠିତ ହେବ । ସ୍ଥାନୀୟ ଲୋକମାନେ ଏହି ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ମଜା ଉଠାଇବେ। ଉକ୍ତ ମହୋତ୍ସବରେ ଭାପୁର ବ୍ଲକର ସମସ୍ତ ସ୍ଥାନୀୟ ଲୋକକଳା ସଂସ୍କୃତି, ହସ୍ତଶିଳ୍ପ, ପର୍ଯ୍ୟଟନସ୍ଥଳୀ ଆଦି କିପରି ଏହି ମହୋତ୍ସବରେ ଲୋକଲୋଚନକୁ ଆସି ପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଭାପୁର ବଜାରଠାରୁ ମହୋତ୍ସବ ପଡ଼ିଆ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତୀକରଣ କରିବା ସହିତ ଆଲୋକୀକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ମେଳାରେ ଷ୍ଟଲର ସଂଖ୍ୟା ବୃଦ୍ଧି କରିବା ଓ ଭାପୁର ବ୍ଲକର ସମସ୍ତ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ରତିଯୋଗିତା କରାଯାଇ ସଫଳ ଛାତ୍ରୀଛାତ୍ରଙ୍କୁ ମହୋତ୍ସବରେ ସମ୍ବର୍ଦ୍ଧିତ କରିବା ପାଇଁ ଆଲୋଚନା ହୋଇଥିଲା । ଏହି ମହୋତ୍ସବକୁ କିପରି ରାଜନୀତିଠାରୁ ଉର୍ଦ୍ଧ୍ୱରେ ରଖାଯାଇ ପାରିବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା । ମହୋତ୍ସବ କମିଟିର ସ୍ଥାୟୀ ସଭାପତି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କୂଅରେ ପଡ଼ି ଯୁବତୀ ମୃତ

**ଦଶପଲ୍ଲା,୧୯।୧୧(ପ୍ରକାଶ କୁମାର ପାଣି):** ରବିବାର ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଘୋଳାହାଣ୍ଡି ପଞ୍ଚାୟତ ଅଧୀନ ଜିଲିଣ୍ଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଉକ୍ତ ଗ୍ରାମର ଝିଅ ସୁଜାତା ନାଏକ (୨୦) ମାଆ ମମତାଙ୍କ ସହିତ ରବିବାର ଧାନ କାଟିବାକୁ ବିଲକୁ ଯାଇଥିଲେ। ସୁଜାତା ବିଲରୁ ଫେରି ଗାଁ କୁଅମୂଳକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ମୃତ୍ୟୁ ତାଙ୍କୁ ଯେମିତି ଜଗି ରହିଥିଲା। କୁଅରୁ ପାଣି କାଢୁଥିବା ବେଳେ ତାଙ୍କ ଗୋଡ଼ ଖସି ଯିବାରୁ ସେ କୁଅ ଭିତରକୁ ଗଳି ପଡିଥିଲେ। ଝିଅର ଆସିବାରେ ବିଳମ୍ବ ହେବାରୁ ମମତା କୁଅ ପାଖକୁ ଆସିଥିଲେ। ଦେଖିଲେ ସୁଜାତା କୁଅ ଭିତରେ ପଡ଼ିଯାଇଛନ୍ତି। ତୁରନ୍ତ ସେ ଲୋକମାନଙ୍କୁ ଡାକି କୁଅରୁ ଝିଅକୁ ବାହାରକୁ ଆଣି ନିକଟସ୍ଥ ଡାକ୍ତରଖାନାକୁ ନେଇ ଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା (ନଂ.୩୧/୨୦୨୩) ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅଂଶୁମାନ



@ ବିଷ୍ଣୁ



@ ଜୁନେଶ



@ ରାକେଶ



@ ଶ୍ରୀନିବାସ



@ ସତ୍ୟଜିତ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବା।

# ୫ ଗିରଫ, ବାଇକ୍ ସହ ମୋବାଇଲ, ନଗଦ ଟଙ୍କା ଜବତ

**ଓଡ଼ଗାଁ,୧୯।୧୧(ଆଦର୍ଶ କୁମାର ପଟ୍ଟନାୟକ):** ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ରୋହିବାଙ୍କ ପଞ୍ଚାୟତ ଭଗବତୀ ପ୍ରସାଦ ଗାଁ ମୁଣ୍ଡ ମଶାଣି ପଦା ତଥା ଗଞ୍ଜାମ ସୀମାରେ କିଛିଦିନ ପରେ ପୁଣି ଜୁଆ ଆଡ୍ଡା ସକ୍ରିୟ ହୋଇଛି । ଏହାର ନେତୃତ୍ୱ ନେଉଥିବା ଜଣେ ବ୍ୟକ୍ତି କିଛି ଦିନ ଫେରାର ରହିବା ପରେ ପୁଣି ଥରେ ପୁରୁଣା ଧନ୍ଦା ଆରମ୍ଭ କରିଛନ୍ତି । ପୋଲିସ ଶନିବାର ବିଳମ୍ବିତ ରାତିରେ ଏକ ଜୁଆ ଆଡ୍ଡାରେ ଚଢାଉ କରି ୫ ଜୁଆଡିଙ୍କୁ ଗିରଫ କରିବା ସହିତ ୪ ହଜାର ୪ଶହ ୬୦ଟଙ୍କା, ୨ ବାଇକ୍(ନଂ. ଜିଜେ୦୫ଏଫଏନ୩୦୬୮ ଏବଂ ଓଡି୧୨ଡି୧୨୨୨) ୪ ମୋବାଇଲ,୮ ପ୍ୟାକେଟ ତାସ,ସିଗାରେଟ,ଗୁଟଖା ଆଦି ଜବତ କରିଛି । ଗିରଫ ବ୍ୟକ୍ତିମାନେ ହେଲେ ମହେଶ୍ୱର ପୁର ଗ୍ରାମର ବିବେକାନନ୍ଦ ପ୍ରଧାନ, ପି.ପଣ୍ଡା, ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ବୋଇରାଣିର ମାଗୁଣି ବେହେରା(୨୪), ଜଗନ୍ନାଥ ପ୍ରସାଦ ଥାନା ଚଢେୟାପଲ୍ଲୀର ଲୋଚନ ବେହେରା(୩୧) ଏବଂ ରମ୍ଭା ଥାନା ହୁମାର ଜିତେନ୍ଦ୍ର ନାହାକ(୩୭) ରବିବାର ଅପରାହ୍ନରେ ସେମାନଙ୍କ ଡାକ୍ତରୀ ପରୀକ୍ଷା ପରେ କୋର୍ଟଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ଓଡ଼ଗାଁ ପୋଲିସ ରୋହିବାଙ୍କ ପଞ୍ଚାୟତ ଭଗବତୀ ପ୍ରସାଦ ଶ୍ମଶାନ ନିକଟ କେନାଲ ବନ୍ଧରେ ଜୁଆଖେଳ ଚାଲିଥିବାବେଳେ ରାତିପ୍ରାୟ ୧୨ଟା ବେଳ ଚଢ଼ାଉ କରିଥିଲା। ଏ ସଂକ୍ରାନ୍ତରେ ଓଡ଼ଗାଁ ପୋଲିସ ଏକ ମାମଲା(ନଂ.୨୫୮/୨୩) ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଏସ୍‌ଆଇ ମନୋଜ ପାତ୍ର ସୂଚନା ଦେଇଛନ୍ତି।


# Classified Everyday 0674-2580101, 2549949



REAL ESTATE

**SALE**

2 Gunth land sale prime area Banamali Prasad, Dhenkanal Town. Contact: 9658877226, 9861254667. D-73786

**Nakhara Trinath Bazar** ପାଖ **sqft.-950 to 2000/-** ଘରବାରି, **Electricity** ଥାଇ ତୁରନ୍ତ ଘରକରି ପାରିବେ, **9178704897.** D-75271

**Twincity** ମଧ୍ୟଭାଗରେ **Grand Bazar (Nakhara NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **Plot** ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ – **9658562429.** D-75270

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75268

ସୁନ୍ଦରପଦା, କୁହା **Petrol Pumpରୁ 800 mtr.** ଦୂରତାରେ **30ft. road,** ଘରବାରି ପ୍ଲଟ୍ ମିଳୁଅଛି। **7978676652.** D-75266

ପିପିଲିରୁ ଜଟଣୀରୋଡ୍‌ରେ ବର୍ଗଫୁଟକୁ- 850/- & 600/- ଘରବାଡ଼ି ପ୍ଲଟ୍ ୩୦ଟା ବିକ୍ରିହେବ- 9853150290. D-75267

ଭୁବନେଶ୍ୱର **KIIT University** ଜଗନ୍ନାଥମନ୍ଦିର ପାଖରେ **Boundary,** ଇଲେକ୍ଟ୍ରିସିଟିଥାଇ ପ୍ଲଟ୍‌ବିକ୍ରିହେବ – **9437205314, 9937513595.** D-75265

**Gated community residential gharabari boundary plot sale in Gudiapokhari near KEC College with 30ft. road, electricity. 9238902929, 8763887357.** D-75264

ଭୁବନେଶ୍ୱର ଉପକଣ୍ଠ ବାଳକାଟି, ମଞ୍ଜରୀଦେବୀ କଲେଜ, 100ft. ପିଚୁ ରାସ୍ତାକୁ ଲାଗି Commercial / residential ଘରବାରି Boundary ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ ବିକ୍ରିହେବ 9937335716. D-75262

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ **(General / SC) possession plot** ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। **9438315973 / 9938066403.** D-1655

ଭୁବନେଶ୍ୱର ତମାଣ୍ଡୋ **Hyundai Showroom** ପାଖରେ ଏବଂ ଯାଆଁଳା **Overbridge**ଠାରୁ **1 Km** ଦୂରରେ ସ୍ଥିତିବାନ **possession plot** ସୁଲଭ ମୂଲ୍ୟରେ ବିକ୍ରିହେଉଛି। **Contact: 9777067303.** D-1656

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

## AFFIDAVIT

By virtue of an affidavit before the Executive Magistrate, Bhubaneswar on 15.11.2023, I Priyanka Priyadrashni Chaudhury D/o Prahalad Kumar Chaudhury, resident of Village- Tikayatpur, PO- Bhimda, P.S.- Barsahi, Dist.- Mayurbhanj, declare that I have changed my name from Priyanka Priyadrashni Chaudhury to Priyanka Chaudhury. Henceforth I will be known as Priyanka Chaudhury for all purposes. D-75060

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

17th Death Anniversary



LATE PRAVIN PATTANAIK
(BUBUL)
DOB: 25.11.1986
DOD: 20.11.2006

*Fondly Remembered by Pravin Memorial Trust Malipada*

D-1829

**ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ବସନ୍ତ କୁମାରୀ ମହାନ୍ତି**

ସ୍ୱାମୀ– ସ୍ୱର୍ଗତ ନଟବର ମହାନ୍ତି
ବସନ୍ତ ନିବାସ, ଅରିଲୋ, କଟକ
ତିରୋଧାନ: ୨୬।୧୦।୨୦୦୯

ବୋଉ, ତୋତେ ହରାଇ ଆମେ ସର୍ବହରା । ତୋର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା । ତୋର ଆଦର୍ଶ, ଆଶୀର୍ବାଦ ଆମ ଜୀବନର ପାଥେୟ ହେଉ ।

ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁପରିଜନ ।

ଧ-୧୮୩୨

